

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୩୦ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 December 2025
Vol.No. 36 ■ No.343 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଉନ୍ନାଓ ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ଜାମିନ୍ ଦେଇଥିଲେ ଦିଲ୍ଲୀ ହାଇକୋର୍ଟ, ରୋକ୍ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯/୧୨ :ଉନ୍ନାଓ ଦୁଷ୍କର୍ମ ପୀଡିତାଙ୍କୁ ଆଶ୍ୱସ୍ତ କଲେ ସୁପ୍ରିମକୋର୍ଟ। ଖାରଜ କଲେ ଦୁଷ୍କର୍ମ ଅଭିଯୁକ୍ତର ଜାମିନ୍। ସୁପ୍ରିମକୋର୍ଟ କହିଛନ୍ତି ଯେ, ଅଭିଯୁକ୍ତ କୁଲଦୀପ୍ ସେନଗରଙ୍କୁ ମୁକ୍ତ କରାଯିବା ଉଚିତ ନୁହେଁ। ଏହା ସହ ଅଭିଯୁକ୍ତ କୁଲଦୀପ ସେନଗରଙ୍କୁ ନୋଟିସ ଜାରି କରିଛନ୍ତି ସୁପ୍ରିମକୋର୍ଟ। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଡିସେମ୍ବର ୨୩ ତାରିଖରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସିବିଆଇ ଦ୍ୱାରା ଦାଖଲ ଆବେଦନର ଶୁଣାଣି କରିଥିଲେ ଖଣ୍ଡପୀଠ। ୨୦୧୭ ଉନ୍ନାଓ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ବହିଷ୍କୃତ ବିଜେପି ନେତା କୁଲଦୀପ ସିଂହ ସେନଗରଙ୍କ ଆଜୀବନ କାରାଦଣ୍ଡକୁ ଖାରଜ କରିଥିଲେ ଦିଲ୍ଲୀ ହାଇକୋର୍ଟ। ଦିଲ୍ଲୀ ହାଇକୋର୍ଟଙ୍କ ରାୟ ପରେ ସିବିଆଇ ପକ୍ଷରୁ ଲଢୁଥିବା ଆଇନଜୀବୀ ତୁଷାର ମେହେଟ୍ଟା କହିଥିଲେ, 'ଆମେ ଝିଅଟି ପ୍ରତି ଉତ୍ତରଦାୟୀ। ସେନଗର କେବଳ ଦୁଷ୍କର୍ମ ପାଇଁ ଦୋଷୀ ନୁହଁନ୍ତି, ବରଂ ପୀଡିତାଙ୍କ ପିତାଙ୍କୁ ହତ୍ୟା ଏବଂ ଅନ୍ୟମାନଙ୍କ ଉପରେ ଆକ୍ରମଣ ପାଇଁ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶୁଣାଣି ବେଳେ ମୁଖ୍ୟ ବିଚାରପତି କହିଥିଲେ ଯେ, 'ବର୍ତ୍ତମାନ ପାଇଁ, ଆମେ ହାଇକୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଦେବାକୁ ଇଚ୍ଛୁକ।' ସେ ସ୍ପଷ୍ଟ କରିଥିଲେ ଯେ, ସାଧାରଣତଃ ନିୟମ ହେଉଛି ଯେ, ଜଣେ ବ୍ୟକ୍ତି ଜେଲରୁ ବାହାରେ ଥିଲେ ତାଙ୍କର ସ୍ୱାଧୀନତା ହରଣ କରନ୍ତି ନାହିଁ କୋର୍ଟ। କିନ୍ତୁ ଏହି ମାମଲାରେ ସ୍ଥିତି ଭିନ୍ନ। କାରଣ ସେନଗର ଏବେ ଅନ୍ୟ ଏକ ମାମଲାରେ ଜେଲରେ ଅଛନ୍ତି।

# ଦୂରଗାମୀ ଗାଇଡେଡ୍ ରକେଟ ପିନାକର ପ୍ରଥମ ଫ୍ଲାଇଟ୍ ଟେଷ୍ଟ



ବାଲେଶ୍ୱର , ୨୯/୧୨ (ନି.ପ୍ର): ଭାରତର ଦୂରଗାମୀ ଗାଇଡେଡ୍ ରକେଟ ପିନାକର ପ୍ରଥମ ଫ୍ଲାଇଟ୍ ଟେଷ୍ଟ ସୋମବାର ଓଡ଼ିଶା ଉପକୂଳ ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ଘାଟୀରେ ସଫଳତାର ସହ କରାଯାଇଛି। ରକେଟ୍ଟୁ ସର୍ବାଧିକ ୧୨୦ କିଲୋମିଟର ପର୍ଯ୍ୟନ୍ତ ନିକ୍ଷେପ କରାଯାଇଥିଲା ଏବଂ ଏହା ଯୋଜନା ମୁତାବକ ସମ୍ପୂର୍ଣ୍ଣ ଦୂରତା ମଧ୍ୟରେ ଆଶାଅନୁରୂପ କୌଶଳ ପ୍ରଦର୍ଶନ କରିଥିଲା। ଏଲଆରଜିଆର ସଠିକତା ସହିତ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ସମସ୍ତ ନିୟୋଜିତ ରେଞ୍ଜ ଉପକରଣଗୁଡ଼ିକ ଫ୍ଲାଇଟର ଗତିପଥରେ ଏହାର ଉଡ଼ାଣକୁ ଟ୍ରାକ୍ କରିଥିଲେ। ଏହି ରକେଟ୍ଟୁ ଆର୍ମାମେଣ୍ଟ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ୍ ଏଷ୍ଟାବ୍ଲିସମେଣ୍ଟ ଦ୍ୱାରା ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ ସହିତ ମିଶି ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରୟୋଗଶାଳା ଏବଂ ଗବେଷଣା କେନ୍ଦ୍ର ଇମାରତ ସହାୟତାରେ

◆◆ପୃଷ୍ଠା ୭

# ଜିରୋ ନାଇଟ୍ କଟକଣା: ମଧ୍ୟରାତ୍ରି ପରେ ନାଚଗୀତ ବନ୍ଦ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଜିରୋ ନାଇଟ୍ ପାଇଁ ଭୁବନେଶ୍ୱର-କଟକକମିସନରେଟ୍ ପୁଲିସ ପକ୍ଷରୁ କଟକଣା ଲାଗୁ ହୋଇଛି। ୩୧ ଡିସେମ୍ବରରେ ଜିରୋ ନାଇଟ୍ ପାଳନ ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମଧ୍ୟରାତ୍ରି ପରେ ମ୍ୟୁଜିକ ଏବଂ ସାଉଣ୍ଡ ସିଷ୍ଟମକୁ ବଜାଇବାକୁ କମିସନରେଟ ପୁଲିସ ନିଷେଧ କରିଛି। ଜିରୋ ନାଇଟ୍ ପାଳନ ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସମସ୍ତ ପୁଲିସ ଷ୍ଟେସନକୁ ନୂଆ ବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ହୋଟେଲ, କ୍ଲବ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଛଇ। ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଉତ୍ସବ ସ୍ଥଳ, ରାସ୍ତା ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ କରାଯିବ। ରାସ୍ତା ଅବରୋଧ ମଦ୍ୟପାନ କରି ଗାଡି ଚାଳନା ଏବଂ ଟ୍ରାଫିକ ନିୟମର ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିସନରେଟ ପୁଲିସ ପକ୍ଷରୁ ତାଗିଦ୍ କରାଯାଇଛି। ରାସ୍ତାପାର୍ଶ୍ୱରେ ଉତ୍ସବକୁ ମନା କରାଯାଇଛି।

◆◆ପୃଷ୍ଠା ୭

# ସିବିଆଇ ଚାର୍ଜସିଟରେ ୧୭ ଜଣଙ୍କ ନାଁ: ଆଗକୁ ପଡ଼ିବ ବଡ଼ବଡ଼ିଆଙ୍କ ପାଳି

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀରେ କେଉଁମାନେ ସମ୍ପୃକ୍ତ ? କେତେ ବାଟ ଯାଏ ଲମ୍ବିଛି ଚେର ? ବିବାଦ ବଢ଼ିବା ପରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇଥିଲେ ରାଜ୍ୟ ସରକାର । ଆଉ ଏବେ ପ୍ରାଥମିକ ତଦନ୍ତ ପରେ ଗୋଟିଏ ପାଦ ଆଗକୁ ଯାଇ, ୯୦ ଦିନ ଭିତରେ ସ୍ୱତନ୍ତ୍ର ସିବିଆଇଙ୍କ କୋର୍ଟରେ ଚାର୍ଜସିଟ ଦାଖଲ କରିଛି ସିବିଆଇ । ପ୍ରାୟ ମାସେ କାଳ ଛାନଭିନ ପରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ। ସଂଲଗ୍ନ ହୋଇଛି ଜବତ ହୋଇଥିବା ହଜାର ହଜାର ପୃଷ୍ଠାର ଦସ୍ତାବିଜ, ହାର୍ଡଡିସ୍କ, କମ୍ପ୍ୟୁଟର, ଲାପଟପ୍, ପେନଡ୍ରାଇଭ୍, ହାର୍ଡ ଡ୍ରାଇଭ୍ ଭଳି ଡିଜିଟାଲ ପ୍ରମାଣପତ୍ର। ଏହି ରିପୋର୍ଟରେ ରହିଛି ଏସଆଇ ନିଯୁକ୍ତି କେଳେଙ୍କାରୀରେ ସମ୍ପୃକ୍ତ ଦଲାଲ ମାନଙ୍କ ବିରୋଧରେ ସିବିଆଇ ଯୋଗାଡ଼ କରିଥିବା ମାଳମାଳ ସାକ୍ଷୀଙ୍କ ତାଲିକା, ଆଉ ତଦନ୍ତ ବେଳେ ପାଇଥିବା ପ୍ରମାଣ। ସିଣ୍ଡିକେଟ ଚଳାଇ ଥିବା ଆନ୍ତଃରାଜ୍ୟ ଦଲାଲଙ୍କ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ । ସିବିଆଉ ଜଣାଇଛି ଯେ ଏହା ସପ୍ଲିମେଣ୍ଟାରୀ ଚାର୍ଜସିଟ। ଏବେବି ତଦନ୍ତ ଜାରି ରହିଛି । ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ରିଙ୍କୁ ମହାରଣା, ବିରଞ୍ଚି ନାୟକ, ନୀତୀଶ କୁମାର ଓ ସୌମ୍ୟା ପ୍ରିୟଦର୍ଶିନୀଙ୍କୁ ମିଶାଇ ମୋଟ ୧୭ ଜଣଙ୍କ ନାଁ ଚାର୍ଜସିଟରେ ରହିଛି । ଶଙ୍କରର ବୟାନକୁ ଆଧାର କରି, ଏକାଧିକ ପୁଲିସ ଅଧିକାରୀଙ୍କୁ ଘନ ଘନ ଜେରା

◆◆ପୃଷ୍ଠା ୭

# ଭୂତ ଚାଷୀଙ୍କୁ ଧରିବାକୁ ସଜବାଜ: ସାଟେଲାଇଟ୍ ସର୍ଭେରୁ ଧରାପଡ଼ିଲା ସତ



ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଭୂତ ଚାଷୀ ହୋଇଯାଆନ୍ତୁ ସାବଧାନ । ଧାନ ପଞ୍ଜୀକରଣ ସମୟରେ ଯେଉଁ ଚାଷୀ ମିଥ୍ୟା ତଥ୍ୟ ଦେଇଥିବେ, ସେମାନଙ୍କୁ ନୋଟିସ୍ କରିବ ଯୋଗାଣ ବିଭାଗ । ସାଟେଲାଇଟ୍ ସର୍ଭେରୁ କେଳେଙ୍କାରୀ ଜଣାପଡ଼ିବା ପରେ ବିଭାଗ ଚେଇଁ ଉଠିଛି । ଧାନ ପଞ୍ଜୀକରଣ ସମୟରେ ଜମି ବାବଦରେ ମିଛ ତଥ୍ୟ ଦେଇଥିଲେ ହୋଇଯାଆନ୍ତୁ ସାବଧାନ । ଯୋଗାଣ ଓ ସମବାୟ ବିଭାଗ ନୋଟିସ୍ କରିପାରେ । ସାଟେଲାଇଟ ସର୍ଭେ ମାଧ୍ୟମରେ ଧରାପଡ଼ିଛି ସାଂଘାତିକ କେଳେଙ୍କାରୀ । ଅଣ ଚାଷଜମିକୁ ଚାଷ ଜମି ଦର୍ଶାଇଛନ୍ତି ଚାଷୀ । ଏବେ ଏହି ଭୂତ ଚାଷୀଙ୍କୁ ଧରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ନିର୍ଦ୍ଦେଶ ଦେଇଛି । ଏ ସଂକ୍ରାନ୍ତ ପ୍ରସ୍ତାବ ଉପରେ ବି ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ମିଳିସାରିଛି ଅନୁମୋଦନ । ଗତ ଖରିଫ୍ ଋତୁରେ ୧୭ ଲକ୍ଷ ୫୦ ହଜାର ଚାଷୀ ୫୮ ଲକ୍ଷ ଏକର ଜମି ପାଇଁ ପଞ୍ଜୀକରଣ କରିଥିଲେ । ଏବର୍ଷ ୧୯ ଲକ୍ଷ ୬୮ ହଜାର ଚାଷୀ ୬୧ ଲକ୍ଷ ୬୭ ହଜାର ଏକର ଜମି ପାଇଁ ପଞ୍ଜୀକରଣ କରିଛନ୍ତି। ଅର୍ଥାତ୍ ଗତଥର ଅପେକ୍ଷା ଏଥର ବଢ଼ିଛନ୍ତି ଚାଷୀ ଏବଂ ବଢ଼ିଛି ଜମି ।

◆◆ପୃଷ୍ଠା ୭

# ଟାଟା ପାୱାର ଅଫିସ୍ ଗେଟ୍‌ରେ ତାଲା ଝୁଲାଇଲା କଂଗ୍ରେସ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଟାଟା କମ୍ପାନୀର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବାକୁ ନେଇ ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଲୋକଙ୍କ ଘରେ ବିଜୁଳୀବତୀ ଜଳୁ ନଥିବାବେଳେ ସରକାର ଲକ୍ଷ କୋଟି ଟଙ୍କାର ବିଜୁଳି କଳ କାରଖାନାକୁ ଅନୁକମ୍ପା ପ୍ରଦର୍ଶନ କରୁଛି। ବିଜୁଳି ଖାଦ୍ୟ ବସ୍ତ୍ର ବାସଗୃହ ଭଳିଆ ବର୍ତମାନ ଏକ ମୌଳିକ ଆବଶ୍ୟକତା। ଏହା ଯୋଗାଣ ବନ୍ଦ ହେଲେ ଜୀବନ ଠପ ପଡ଼ିଯିବ। କେଉଁ ଗରିବ ଘରେ କିଏ ବେମାରରେ ପଡ଼ିଛି, ଛାତ୍ର ଛାତ୍ରୀଙ୍କ ପାଠ ପଢିବା ଅଛି। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଣ କରନ୍ତୁ। ଆଜି ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ତାଲା ପକା ଅଭିଯାନ କରାଯାଇଛି। ଯେପର୍ଯ୍ୟନ୍ତ ସୁରକ୍ଷା ରାଶି ନେବା ପ୍ରତ୍ୟାହାର ଓ ଘରୋଇ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନକରିବେ ପୁର ପଲ୍ଲୀ ସବୁଠାରେ ଆନ୍ଦୋଳନ ହେବ। ଶ୍ରୀ ଦାସ ସାଧାରଣ ଜନତାଙ୍କୁ ନିବେଦନ କରି କହିଥିଲେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ମୁହଁ ଖୋଲନ୍ତୁ, ପ୍ରତିବାଦ କରନ୍ତୁ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୮ ଟଙ୍କାରେ ବିକ୍ରୀ କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି ବୋଲି ଅଭିଯୋଗ କରି କହିଥିଲେ।

# ବାଧ୍ୟା କରୁଛି ବାୟୁ ପ୍ରଦୂଷଣ: ଦିଲ୍ଲୀ ପରେ ଆକ୍ରାମାକ୍ରା ଉତ୍ତରପ୍ରଦେଶ, ସ୍କୁଲ ବନ୍ଦ ନିଷ୍ପତ୍ତି



ନୂଆଦିଲ୍ଲୀ,୨୯/୧୨ : ବାୟୁ ପ୍ରଦୂଷଣରେ ଘାଣ୍ଟିସନ୍ତୁଳି ହେଉଛି ଭାରତ । ଖାଲି ଦିଲ୍ଲୀ ନୁହେଁ ଦେଶର ବିଭିନ୍ନ ସ୍ଥାନରେ ଅସହ୍ୟ ହେଲାଣି ବାୟୁପ୍ରଦୂଷଣ । ଦିଲ୍ଲୀ ପରେ ଏବେ ଅଣନିଶ୍ୱାସୀ ଉତ୍ତରପ୍ରଦେଶ । ଉତ୍ତର ପ୍ରଦେଶରେ ଏବେ ଶୀତ ଓ ପ୍ରଦୂଷଣ ବୃଦ୍ଧି ପାଇଛି । ଏହି କାରଣରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ଜାନୁଆରୀ ପହିଲା ଯାଏଁ ବନ୍ଦ ରହିବ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ବାୟୁପ୍ରଦୂଷଣ ବଢୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ସେପଟେ ଦିଲ୍ଲୀରେ ଶୀତ ଅବକାଶ ଓ ପ୍ରଦୂଷଣ ମଧ୍ୟରେ ସରକାର ବି ବଡ଼ ନିଷ୍ପତ୍ତି ନେଇଛନ୍ତି । ବାୟୁ ଗୁଣବତ୍ତାରେ ଉନ୍ନତି ହେବାରୁ ଦିଲ୍ଲୀ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଷଷ୍ଠରୁ ନବମ ଏବଂ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସ୍କୁଲ୍ ଯିବାକୁ ପଡ଼ିବ। ଏହା ସହିତ ଦିଲ୍ଲୀର ସମସ୍ତ ସ୍କୁଲରେ ଶୀତ ଅବକାଶ ଜାନୁଆରୀ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ରହିବ। ସରକାର ସ୍କୁଲଗୁଡ଼ିକରେ ୧୦ ହଜାର ଏୟାର ପ୍ୟୁରିଫାୟର ବଣ୍ଟନ କରି ଛାତ୍ରମାନଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଜାରି ରଖିଛନ୍ତି ।

# ଆରାବଳୀ ମାମଲା: ନିଜ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯/୧୨ : ଭାରତର ପାରିବେଶିକ କବଚ ଆରାବଳୀ ପର୍ବତକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ନିଜ ରାୟ ଉପରେ ରୋକ ଲଗାଇଛନ୍ତି। ନିକଟରେ ଦେଇଥିବା ରାୟ ଉପରେ ରୋକ ଲଗାଇବା ସହ ଆରାବଳୀ ପର୍ବତର ପ୍ରକୃତ ସଂଜ୍ଞାର ଆବଶ୍ୟକତା ଉପରେ ମଧ୍ୟ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ନଭେମ୍ବର ୨୦ରେ ସର୍ବୋଚ୍ଚ ଅଦାଲତ ଆରାବଳୀ ପର୍ବତ ଓ ଆରାବଳୀ ରେଞ୍ଜକୁ ନେଇ କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟ ଦେଇଥିବା ସଂଜ୍ଞାକୁ ସ୍ୱୀକାର କରି ନେଇଥିଲେ। ସୁପ୍ରିମକୋର୍ଟଙ୍କ ନଭେମ୍ବର ରାୟ ପରେ ଆରାବଳୀର ପ୍ରାୟ ୯୦% ଅଂଶରେ ଖଣି ଖନନ କରାଯିବାର ବାଟ ଫିଟି ଯାଇଥିଲା। ଏହାକୁ ନେଇ ପୂରା ଦେଶରେ ବିବାଦ ଦେଖା ଯିବାରୁ ଆଜି ସର୍ବୋଚ୍ଚ ଅଦାଲତ ଏହା ଉପରେ ରୋକ ଲଗାଇ ଦେଇଛନ୍ତି। ଆରାବଳୀ ପର୍ବତମାଳା ପାଇଁ ପୂର୍ବରୁ ଗଠିତ ପ୍ୟାନେଲ ପାରିବେଶିକ ପ୍ରଭାବ ସମ୍ପର୍କରେ ଯେଉଁ ସବୁ ପ୍ରସ୍ତାବ ଦେଇଥିଲା, ତା'ର ତର୍ଜମା ଗୋଟିଏ ବିଶେଷଜ୍ଞ କମିଟି କରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପୂର୍ବରୁ ଗଠିତ ପ୍ୟାନେଲରେ ଅଧିକ ମାତ୍ରାରେ ପ୍ରଶାସନିକ ଅଧିକାରୀ ରହିଥିଲେ। ଆରାବଳୀ ପର୍ବତମାଳାର ସଂଜ୍ଞାକୁ କମିଟି ଭିନ୍ନ ଭାବେ ଉପସ୍ଥାପନ କରିଥିଲା। ଆରାବଳୀ ପର୍ବତମାଳାର ଛୋଟ ଛୋଟ ପର୍ବତକୁ ବାଦ ଦେବାକୁ କମିଟି ପରାମର୍ଶ ଦେବା ସହ ଖଣି ଖନନର ସୁପାରିସ କରିଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ଏଜି ମଶିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆରାବଳୀର ସୁରକ୍ଷାକୁ ନେଇ ନିଜ ଆଡୁ ଶୁଣାଣି କରିଛନ୍ତି। ଶୁଣାଣି ସହ ଖଣ୍ଡପୀଠ କେନ୍ଦ୍ର ଓ ଆରାବଳୀ ପର୍ବତ ରହିଥିବା ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ହରିୟାଣା ସରକାରଙ୍କୁ ନୋଟିସ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆରାବଳୀ ପର୍ବତମାଳାକୁ ନେଇ ପୂର୍ବ କମିଟି ଦେଇଥିବା ରିପୋର୍ଟ କିମ୍ବା କୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଗୋଟିଏ ନିରପେକ୍ଷ ଓ ସ୍ୱାଧୀନ ବିଶେଷଜ୍ଞ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ଆରାବଳୀ ପର୍ବତମାଳାକୁ ୫୦୦ ମିଟର ବେଲ୍ଟ ମଧ୍ୟରେ ସୀମିତ ରଖିବା ପାଇଁ ହୋଇଥିବା ସୁପାରିସ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ଗୋଟିଏ ବିଶେଷଜ୍ଞ ଟିମର ପରାମର୍ଶ ଅଦାଲତଙ୍କୁ ଆବଶ୍ୟକ। ବିଜ୍ଞାନ ଭିତ୍ତିକ ଓ ପରିବେଶ ବିଶେଷଜ୍ଞମାନେ ଭବିଷ୍ୟତ ନିଷ୍ପତ୍ତିକୁ ନିର୍ଦ୍ଧାରଣ କରିବେ ବୋଲି ସେ କହିଛନ୍ତି। ଏ ?ବେ ମାମଲାର ପରବର୍ତ୍ତୀ ଶୁଣାଣୀ ଜାନୁଆରୀ ୨୧ରେ ହେବ ବୋଲି ଧାର୍ଯ୍ୟ ହୋଇଛି। ନଭେମ୍ବର ୨୦ରେ ସୁପ୍ରିମକୋର୍ଟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ସୁପାରିସକୁ ଗ୍ରହଣ କରି ନେଇଥିଲେ। ଏଥିରେ ଆରାବଳୀର କେବଳ ୧୦୦ ମିଟର କିମ୍ବା ତା'ଠାରୁ ଅଧିକ ଉଚ୍ଚତା ଥିବା ପାହାଡ଼ଗୁଡ଼ିକୁ ଆରାବଳୀ ପର୍ବତମାଳାର ଅଂଶ ଭାବରେ ବିବେଚନା କରାଯିବ ବୋଲି କୁହାଯାଇଥିଲା। ଆରାବଳୀକୁ ନେଇ ଏହି ନୂଆ ନିର୍ଦ୍ଦେଶ ପରେ ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ-ଏନସିଆରରେ ପ୍ରବଳ ବିରୋଧ ଦେଖିବାକୁ ମିଳିଥିଲା।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ନୂତନ ଜିଲ୍ଲା କମିଟି ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୨୯/୧୨ (ନି.ପ୍ର): ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳର ମାଲକାନଗିରି ଜିଲ୍ଲା ନୂତନ କମିଟି ଘୋଷଣା କରାଯାଇଥିବା ବେଳେ ନବ ନିଯୁକ୍ତି ହୋଇଥିବା ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସମସ୍ତ ଜିଲ୍ଲା ପଦାଧିକାରୀଙ୍କୁ ନେଇ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଆଜି ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ଏକ ସଭାର ଆୟୋଜନ କରାଯାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନବ ନିଯୁକ୍ତ ଜିଲ୍ଲା ବିଜେଡି କମିଟିର ସମସ୍ତ ପଦାଧିକାରୀଙ୍କୁ ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମିଙ୍କ ସହ ଜିଲ୍ଲା ବିଜୁ ମହିଳାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ଭାବେ ପୂର୍ବତନ ବିଧାୟକ ମାନସ ମାଡ଼କାମିଙ୍କୁ ଚୟନ କରାଯାଇଥିବା ବେଳେ ଆଜି ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ଚୟନ କରାଯାଇଛି । ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ଉପ ସଭାପତି ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସାଧାରଣ ସଂପାଦକ ଭାବେ ବିଶ୍ୱନାଥ ରେଡ୍ଡୀଙ୍କୁ ଚୟନ କରାଯାଇଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଉପ ସଭାପତି ଉଦୟ ନାଥ ମାଦ୍ରୀ ଏବଂ ସାଧାରଣ ସଂପାଦକ ଭାବେ ସତ୍ୟନାରାୟଣ ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି । ସେହିପରି ଅନ୍ୟ ସାଧାରଣ ସଂପାଦକମାନେ ଚିତ୍ରକୋଣ୍ଡା ବ୍ଲକର ରଘୁବୀର ଖରା, ପଡ଼ିଆ ବ୍ଲକର ନାକା ନୁକାଲ ରାଜୁ, ମାଥିଲି ବ୍ଲକର କାନାମ ରାଜୁ ନାୟକ, ବାଲିମେଳା ଏନଏସିର ର ମଙ୍ଗଳା ପାଙ୍ଗି, ମାଲକାନଗିରି ପୌର ପରିଷଦର ଲମ୍ବୋଦର ତୁରୁକ, ମାଲକାନଗିରି ବ୍ଲକର ମୁକ୍ତା ମାଡ଼କାମୀ ଏବଂ ଖଇରପୁଟ ବ୍ଲକର ଭଗବାନ ସାହୁଙ୍କୁ ଚୟନ କରାଯାଇଛି । ସେହିପରି କୋଷାଧ୍ୟକ୍ଷ ଦିବାଶ ମିସ୍ତ୍ରୀ, ସଂପାଦକ ପଡିଆ ବ୍ଲକର ଏମ୍ ଡି ଫାରୁକ ଓ ସୁବାସ ଚନ୍ଦ୍ର ଭୌମିକ, ମାଲକାନଗିରି ବ୍ଲକର କଂଟେଶ୍ୱର ପଟଲା, ପିତାମ୍ବର ଗୋଟେ ଓ ସଦାନନ୍ଦ ଖରା, କୋରୁକୋଣ୍ଡା ବ୍ଲକର ମାଧବ ସାବତ ଓ ସଦାନନ୍ଦ ମଣ୍ଡଳ, କାଲିମେଳା ବ୍ଲକର ଶରତ ଚନ୍ଦ୍ର ବିଶ୍ୱାଳ ଓ ଶମ୍ଭୁନାଥ ବାକଚି, ମାଥିଲି ବ୍ଲକର ସମ୍ବାରୁ ନାୟକ ଓ ବିଦ୍ୟାଧର ପୂଜାରୀ, ଚିତ୍ରକୋଣ୍ଡା ବ୍ଲକର କମଲୁ ହନ୍ତାଳ ଓ ଅର୍ଜୁନ କିର୍ଷାନୀ, ଖଇରପୁଟ ବ୍ଲକର ରାଜେନ୍ଦ୍ର ସୁଗ୍ରୀ ଓ ପ୍ରୀତମ ଗୁରତେଲି, ମାଲକାନଗିରି ପୌର ପରିଷଦର ବିକାଶ ମଣ୍ଡଳ ଓ କେ.ରାହୁଲ, ବାଲିମେଳା ଏନଏସିର ଟୁକୁଲୁ ପ୍ରଧାନ ଓ ସଂଜୀବ ଦୋରା ପ୍ରମୁଖଙ୍କୁ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ।

# ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ସରକାରୀ ଆଇନଜୀବି ନିଯୁକ୍ତି

ଜୟପୁର,୨୯/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଗଠନ ହେବାର ଦୀର୍ଘ ୧ ବର୍ଷ ୮ ମାସ ପରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଓ ଦୌରାଜଜ୍ କୋର୍ଟ ସମେତ ଅନ୍ୟାନ୍ୟ ସହରାଂଚଳ ଓ ଗ୍ରାମାଂଚଳ କୋର୍ଟ ଗୁଡିକରେ ନୂତନ ସରକାରୀ ଆଇନଜୀବି ମାନଙ୍କୁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି । ଏଥିନେଇ ଗତ ୨୪ ତାରିଖରେ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ବିଭିନ୍ନ କୋର୍ଟର ନୂତନ ଆଇନଜୀବି ମାନଙ୍କୁ ନିଯୁକ୍ତି ନେଇ ସୂଚୀ ଜାରୀ କରାଯାଇଛି । ଜୟପୁରସ୍ଥିତ ଜିଲ୍ଲା ସିଭିଲ କୋର୍ଟରେ ସରକାରୀ ଆଇନଜୀବି (ଜି.ପି) ଭାବେ ବରିଷ୍ଠ ଆଇନଜୀବି ଭୁବନ ମୋହନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ଜିଲ୍ଲା ତଥା ଦୌରା ଜଜ୍ କୋର୍ଟରେ ଏନ.ଡି.ପି.ଏସ ଧାରା ପାଇଁ ସ୍ୱତନ୍ତ୍ର ସରକାରୀ ଆଇନଜୀବି(ପି.ପି.) ସୁଧାଂଶୁ କୁମାର ପାଢି ଏବଂ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନିମନ୍ତେ ସ୍ୱତନ୍ତ୍ର ପି.ପି. ଭାବେ କିଶୋର ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଅତିରିକ୍ତ ଜି.ପି. ଭାବେ ସିମାଚଂଳ ଡିସାରୀ, ସ୍ୱତନ୍ତ୍ର ପି.ପି.(ଏନଡିପିଏସ) ଭାବେ ତେଜେଶ୍ୱର ପଣ୍ଡା, ସ୍ୱତନ୍ତ୍ର ପି.ପି. ( ଅନୁସୂଚିତ ଜାତି ଓ ଜାନଜାତି ) ଭାବେ ଜ୍ୟୋତି ରଞ୍ଜନ ପୂଜାରୀ, ପୋକ୍ସୋ ତଥା ଏଡିଜେ ସ୍ୱତନ୍ତ୍ର କୋର୍ଟରେ ସ୍ୱତନ୍ତ୍ର ପି.ପି. ଭାବେ ପି.ସନ୍ୟାସୀ ରାଓ, ଏଡିଜେ ତଥା ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ସୁରେଶ କୁମାର ହଡପ, ସିଜେଏମ କୋର୍ଟରେ ସହାୟକ ଆଇନଜୀବି ଭାବେ ଗିରିଧର ଖରା, ସହକାରୀ ପିପି ଭାବେ ଗଙ୍ଗାଧର ନାୟକ ଏବଂ ଗୁପ୍ତେଶ୍ୱର ଗନ୍ତାୟତଙ୍କୁ ନିଯୁକ୍ତି ଦିଆଯାଇଛି । ସିଭିଲ ଜଜ୍ (ବରିଷ୍ଠ ) ତଥା ମହିଳା କୋର୍ଟରେ ଅତିରିକ୍ତ ସରକାରୀ ଆଇନଜୀବି ଭାବେ ପି. ଈଶ୍ୱର ରାଓ, ସହାୟକ ଆଇନଜୀବି ଭାବେ ସସ୍ମିତା ଦଣ୍ଡସେନା, ସହକାରୀ ପିପି ଭାବେ ମନୋରଞ୍ଜନ ରାଉତରାୟ, ସିଭିଲ ଜଜ୍ (କନିଷ୍ଠ) ତଥା ଏସଡିଜେଏମ କୋର୍ଟରେ ସହକାରୀ ପିପି ଦିନେଶ ନନ୍ଦ, ଜେଏମଏଫ କୋର୍ଟରେ ସହକାରୀ ପିପି ଭାବେ ମୀନକେତନ ପରିଚ୍ଛା, ନିରୋଜ କୁମାର ନାୟକ, ରାଜେନ୍ଦ୍ର କୁମାର ସାନ୍ତା, ଜୁଭେନାଇଲ ଜଷ୍ଟିସ ବୋର୍ଡର ସହକାରୀ ପିପି ଉମାକାନ୍ତ ସାହୁ, ଗଣେନ୍ଦ୍ର ନାୟକ ପଟ୍ଟନାୟକ, ପ୍ରବେଶନ ସିଭିଲ ଜଜ୍ କୋର୍ଟରେ ସହକାରୀ ପିପି ପ୍ରଜ୍ଞା କୁମାରୀ ବେବର୍ତା, ଜେଏମଏଫସି (ଏଲଆର)ରେ ସହକାରୀ ପି.ପି. ଦୀନକୃଷ୍ଣ ତ୍ରିପାଠୀ । ସେହିପରି କୋରାପୁଟସ୍ଥିତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ସିଭିଲ ଅତିରିକ୍ତ ଜି.ପି. ଭାବେ ସୁଦର୍ଶନ ଗୌଡ, ସହକାରୀ ଆଇନଜୀବି ଭାବେ ସସ୍ମିତା ରାଣି ସାହୁ, ସ୍ୱତନ୍ତ୍ର ପିପି (ଏନଡିପିଏସ) ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଅନୁସୂଚିତ ଜାତି ଓ ଜନଜାତି ଧାରା ପାଇଁ ନୃପେନ୍ଦ୍ର ନାରାୟଣ ସିଂ, ପୋକ୍ସ କୋର୍ଟ ପାଇଁ କାମାକ୍ଷୀ ପ୍ରସାଦ ସାହୁ, ସିଭିଲ ଜଜ୍ (ବରିଷ୍ଠ) କୋର୍ଟରେ ଅତିରିକ୍ତ ଜି.ପି. ସୁଦର୍ଶନ ମାଝି ଏବଂ ସିଭିଲ ଜଜ (କନିଷ୍ଠ)ରେ ଅତିରିକ୍ତ ଜିପି ଚିତ ରଞ୍ଜନ ଶତପଥି ଏବଂ ପ୍ରଶାନ୍ତ କୁମାର ପାତ୍ର, ଏସଡିଜେଏମ ସହକାରୀ ପିପି ଅଶ୍ୱିନୀ କୁମାର ପଟ୍ଟନାୟକ, କେଦାରନାଥ ସେନାପତି, ପ୍ରଭାତ କୁମାର ମହାପାତ୍ର, ଜେଏମଏଫସି ଅତିରିକ୍ତ ପିପି ରମେଶ ଚନ୍ଦ୍ର କୁମାର, ସଞ୍ଜୟ କୁମାର ଝା, ପ୍ରମୋଦ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ଲକ୍ଷ୍ମୀପୁର ଜେଏମଏଫସି ନିମନ୍ତେ ୨ ଜଣ, ବୋରିଗୁମ୍ମା, ଦଶମନ୍ତପୁର, ଲମତାପୁଟ, ସେମିଳିଗୁଡା, କୁନ୍ଦୁରା ପ୍ରଭୃତି ସ୍ଥାନରେ ରହିଥିବା ସିଭିଲ ଜଜ୍ (କନିଷ୍ଠ), ଜେଏମଏଫସି, ଗ୍ରାମାଂଚଳ ନ୍ୟାୟାଳୟ ଏବଂ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ କୋର୍ଟରେ ସମୁଦାୟ ୧୯ ଜଣଙ୍କୁ ସହାକାରୀ ପି.ପି. ଭାବେ ନିଯୁକ୍ତ କରାଯାଇଛି ।

# ନଗର କଂଗ୍ରେସ ପକ୍ଷରୁ କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର,୨୯/୧୨ (ନି.ପ୍ର): ବଲାଙ୍ଗିର ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳର ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଥମେ କଂଗ୍ରେସର ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପରେ ଗାନ୍ଧୀନଗର ପଡା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉପସ୍ଥିତ ନେତୃମଣ୍ଡଳି ଅଖଣ୍ଡ ଭାରତ ନିର୍ମାଣରେ କଂଗ୍ରେସର ୧୪୧ ବର୍ଷର ତ୍ୟାଗ ଏବଂ ବଳିଦାନ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ଉମାଶଙ୍କର ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଜୁଲୁ ପଟ୍ଟନାୟକ, ଅଜୟ ବାଲି, ଅସୀତ ମିଶ୍ର, ସାନନ୍ଦ ମିଶ୍ର, ସମୀର କୁମ୍ଭାର, ସୀତାରାମ କୁମ୍ଭାର, କୈଳାସ ମିଶ୍ର, ଦିପନ ଯୋଷୀ, ନାସିର ଖାନ, ଅଙ୍କିତ ସାହୁ, କିରଣ ସେଠ, ଚିନ୍ମୟ ବେହେରା, ରଶ୍ମି ରଂଜନ ପ୍ରଧାନ, ସୁମନ ସ୍ୱାଇଁ, ସୋହନ ନାଏକ, ଲଳିତ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଆଦିବାସୀ କୁଡୁମି ସମାଜର ଓଡିଶା ଶାଖା ତରଫରୁ ବନ୍ଧୁମିଳନ ସହ ରାଜ୍ୟ କମିଟି ଗଠନ

କେନ୍ଦୁଝର,୨୯/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ନରଣପୁର ଗ୍ରାମପଂଚାୟତର ରାମଚନ୍ଦ୍ରପୁର ଠାରେ ଓଡିଶା ଆଦିବାସୀ କୁଡୁମୀ ସମାଜର ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମାବେଶ ୨୦୨୫ ଅନୁଷ୍ଠିତ ହୋଇଯାଇଛି ତା ସହ ରାଜ୍ୟ କମିଟି ମଧ୍ୟ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଜିତ ପ୍ରସାଦ ମାହାତୋ ଯୋଗଦେଇ କୁଡୁମି ସମାଜ ଉପରେ ଆଲୋକପାତ କରି କହିଥିଲେ କୁଡୁମୀକୁ ସବୁ କ୍ଷେତ୍ରରେ ସରକାର ଅବହେଳା କରି ଆସୁଛି ସରକାର । ସରକାରୀ କ୍ଷେତ୍ରରେ କୁଡୁମି ମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ସରକାର ସବୁବେଳେ ପଛଘୁଂଚା ଦେଇଛନ୍ତି ଆନ୍ତରିକତା ଦେଖାଉ ନାହାନ୍ତି ଫଳରେ କୁଡୁମି ଜାତି ବାରମ୍ବାର ଆନ୍ଦୋଳନ କରିଆସୁଛି । ସେପ୍ଟମ୍ବର ମାସରେ ରେଳଟେକା ହୋଇଥିଲା ସେଥିରେ ବିଶେଷ କରି ପଶ୍ଚିମବଙ୍ଗ, ଝାରଖଣ୍ଡ, ଓଡ଼ିଶାର ବହୁ ଜିଲ୍ଲାରେ ରେଳଟେକା ଆନ୍ଦୋଳନ ହୋଇଥିଲା ବହୁ ଜାଗାରେ ରେଳ ରୋକ ସଫଳ ହୋଇଥିଲା ବହୁ ଜାଗାରେ ରେଳ ରୋକ କରିବା ପାଇଁ କୁଡୁମି ଜାତିର ଲୋକମାନେ ରେଳ ଷ୍ଟେସନ ମାନଙ୍କରେ ଧାରଣା ଦେବାସହ ରେଳ ଅଟକାଇବା ପାଇଁ ମଧ୍ୟ ଚେଷ୍ଟା ଜାରି ରଖିଥିଲେ ବୋଲି ଆଦିବାସୀ କୁଡୁମୀ ସମାଜର ମାର୍ଗଦର୍ଶକ ଅଜିତ ମାହାତୋ ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ସନାତନ ମହାନ୍ତ ସଭାପତିତ୍ୱ କରିଥିଲାବେଳେ ଅତିଥି ପରିଚୟ ଏବଂ ମଂଚ ପରିଚାଳନା କରିଥିଲେ ସଂପାଦକ ଦୋଳଗୋବିନ୍ଦ ମହାନ୍ତ । ଆଜିର ଏହି ରାମଚନ୍ଦ୍ରପୁର ଠାରେ ହେଉଥିବା ବନ୍ଧୁ ମିଳନ ଉତ୍ସବରେ କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ ସମେତ ବହୁ ଜିଲ୍ଲାରୁ ଯୋଗ ଦେଇଥିବା ବେଳେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର କୁଡୁମି ଜାତିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ଆଦିବାସୀ କୁଡୁମୀ ସମାଜର କେନ୍ଦ୍ରୀୟ ଅଧ୍ୟକ୍ଷ ଶଶାଙ୍କ ଶେଖର ମାହାତୋ ଯୋଗଦେଇ କହିଥିଲେ ବର୍ତମାନ ଏକ ହୋଇ ଲଢ଼ିବା ପାଇଁ ସମୟ ଆସିଛି । ଆମକୁ ସମସ୍ତଙ୍କୁ ଏକ ହେବା ପାଇଁ ପଡିବ ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ଯେତେ ପର୍ଯ୍ୟନ୍ତ ଆମକୁ ଆଦିବାସୀ ମାନ୍ୟତା ନମିଳିଛି । ଯଦି ସରକାର ଆଦିବାସୀ ମାନ୍ୟତା ପ୍ରଦାନ କରନ୍ତି ତା ହେଲେ ପୁଣି ଅଖ ଚକ ବନ୍ଦ କରିଦିଆଯିବ ବୋଲି କହିଛନ୍ତି । ଯୋଗ ଦେଇଥିବା ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ କେନ୍ଦ୍ରୀୟ କମିଟି ମୁଖପାତ୍ର ଶଶଧର କାଲୁଆର ମଧ୍ୟ କୁଡୁମୀ ଜାତିକୁ ଏକ ହୋଇ ଲଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ବନ୍ଧୁ ମିଳନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା । କୁଡୁମାଲୀ ଗୀତର ତାଳେ ତାଳେ ମାନ୍ଦଳ ବାଦ୍ୟ ପରିବେଷଣ କରାଯାଇଥିବା ବେଳେ ଝୁମର ସଙ୍ଗୀତ ପରିବେଷଣ କରିଥିଲେ ଦେବକୀ ଦିଦି ଗୀତର ତାଳେ ତାଳେ ଧୁମ୍ ଧାମରେ ନାଚଗୀତ କରି ମଜା ଉଠାଇଥିଲେ ରାମଚନ୍ଦ୍ରପୁରରେ ଏକାଠି ହୋଇଥିବା କୁଡୁମୀ ଜାତିର ସମସ୍ତ ସଦସ୍ୟ । ଅଜିତ ପ୍ରସାଦ ମାହାତୋ କୁଡୁମାଲୀ ଭାଷା ପରିଷଦ ତରଫରୁ କୁଡମାଲୀ ଲିପିରେ କୁଡମାଲୀ ବିଦ୍ୟାଳୟ ରାମଚନ୍ଦ୍ରପୁର ତେନ୍ତୁଳି ଠାରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ମହାନ୍ତ, କାଂଚନ ମହାନ୍ତ, ପଟେଲ ଚନ୍ଦ୍ର ମହାନ୍ତ,ମଦନ ମୋହନ ମହାନ୍ତ, ରଞ୍ଜନ ମହାନ୍ତ,ଭରତ ଚନ୍ଦ୍ର ମହାନ୍ତ, ବାସନ୍ତୀ ମହାନ୍ତ, ଦୌପଦୀ ମହାନ୍ତ, ଚିତ ରଞ୍ଜନ ମହାନ୍ତ, ବିଷ୍ଣୁ ଚନ୍ଦ୍ର ବଂଶୀୟାର, ଜଗବନ୍ଧୁ ମହନ୍ତ, ରାମଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ମିତ୍ରଭାନୁ ମହାନ୍ତ, ଅର୍ଜୁନ ଚରଣ ମହାନ୍ତ,ସହ ବହୁ କୁଡୁମୀ ଜାତିର ଭାଇ ଭଉଣୀ ଏକାଠି ହୋଇଥିଲେ । ଆଦିବାସୀ କୁଡୁମୀ ସମାଜର କେନ୍ଦ୍ରୀୟ ଅଧ୍ୟକ୍ଷ ଶଶାଙ୍କ ଶେଖର ମାହାତୋ ପୂନର୍ବାର ଓଡ଼ିଶା ପ୍ରଦେଶର ଦୋଳଗୋବିନ୍ଦ ମହାନ୍ତଙ୍କୁ ରାଜ୍ୟ ସଭାପତି ଘୋଷଣା କରିବା ସହ ରାଜ୍ୟ କମିଟି ମଧ୍ୟ ଘୋଷଣା କରାଯାଇଥିବା ଜଣାପଡିଛି ।

# ଜୟପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୨୯/୧୨ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଆଜି କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ ହୋଇଛି । କଂଗ୍ରେସ ଆଜି ୧୪୦ ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ଜିଲା କଂଗ୍ରେସ ଭବନ ଠାରେ ଜୟପୁର ନଗର କଂଗ୍ରେସ ସଭାପତି ତଥା ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ, ହସନ ମଦାନି, ନିହାର ବିଷୋୟୀ, କାନ୍ତ ପାଢୀ, ଏ. ରମେଶ, କୈଳାଶ ବିଷୋୟି, ବସନ୍ତ ନାୟକ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପତାକା ଉତୋଳନ କରିଥିବା ବେଳେ ମହାତ୍ମଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ରାଜ୍ୟରେ ବେକାରି ସମସ୍ୟା, ଜିଲାଭିତିକ ନିଯୁକ୍ତି, ବେକାର ବେକାରି ଯୁବତୀଙ୍କୁ ଥଇଥାନ, ଚାଷୀ ହନ୍ତସନ୍ତ, ଦୁର୍ନିତି ଭ୍ରଷ୍ଟାଚାରରେ ବୁଡିଛି ସରକାର, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତରଙ୍କ ମରୁଡି, ବିଦ୍ୟାଳୟରେ ଶିକ୍ଷକଙ୍କ ମରୁଡି ଦେଖାଯାଇଛି ।

# ବୀଣାପାଣି କଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା 'ଶ୍ରୀମତୀ ସମ୍ବଲପୁର' ଉଦ୍‌ଘାଟିତ

ସମ୍ବଲପୁର, ୨୮, ଡିସେମ୍ବର (ହି.ସ.) ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟ ପରିସରରେ ପ୍ରଥମ ଥର କେବଳ ବିବାହିତ ମହିଳା ମାନଙ୍କ ପାଇଁ ବୀଣାପାଣି କଳା ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା 'ଶ୍ରୀମତୀ ସମ୍ବଲପୁର' ଉଦଘାଟିତ ହୋଇଯାଇଛି । ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ବିଜେପି ନେତା ତଥା ସମାଜସେବୀ ସୁଶାନ୍ତ ପୁରୋହିତ ଏବଂ କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଯୋଗ ଦେଇଥିଲେ । ଏହି ଦୁଇ ଦିନିଆ କାର୍ଯକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୫ ଜଣ ପ୍ରତିଯୋଗୀ ପଞ୍ଜୀକୃତ କରିଥିଲେ । ପ୍ରଥମ ଦିନରେ ବିଭିନ୍ନ ରାଉଣ୍ଡରେ ସେମାନେ ନିଜ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରି ଚୁଡାନ୍ତ ପର୍ଯ୍ୟାୟକୁ ୨୦ ଜଣ ଉନ୍ନୀତ ହୋଇଛନ୍ତି । ବିଚାରକ ଭାବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ଡକ୍ଟର ହର ପ୍ରସନ୍ନ ତ୍ରିପାଠୀ, ଡକ୍ଟର ଦେବସ୍ମିତା ମିଶ୍ର, ଡକ୍ଟର ମୂରଲୀଧର ଶର୍ମା, ଡକ୍ଟର ସୁଜାତା ପଣ୍ଡା, ଆଶା ଶର୍ମା, ସମିତ୍ କର, ବୃନ୍ଦାବନ ମହାରଣା, ଶିଶିର କର, ରେଶ୍ମା ଶ୍ରୀକୁମାର ପ୍ରମୁଖ ଯୋଗ ଦେଇଛନ୍ତି । ପ୍ରାରମ୍ଭରେ ବୀଣାପାଣି କଳା ବିକାଶ କେନ୍ଦ୍ରର ସଂଯୋଜିକା ସୁପ୍ରଭା ସାହାଣୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । 'ଶ୍ରୀମତି ସମ୍ବଲପୁର' କାର୍ଯକ୍ରମର ପ୍ରକଳ୍ପ ମୁଖ୍ୟ ସୂର୍ଯ୍ୟ ଗୁରୁଙ୍କ ସୂଚନା ଅନୁସାରେ ଆସନ୍ତା କାଲି ଏହି ପ୍ରତିଯୋଗିତାର ଚୁଡାନ୍ତ ପର୍ଯ୍ୟାୟ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେବାର କାର୍ଯକ୍ରମ ରହିଛି । କାର୍ଯକ୍ରମର ଆୟୋଜନ ଉଦ୍‌ଘୋଷଣାରେ ଜ୍ୟୋତିରାଦିତ୍ୟ, ମିନାକ୍ଷୀ, ତରୁଣ, ଉମାଶଙ୍କର, ଅନିଶା, ଅର୍ଚ୍ଚିତା ପ୍ରମୁଖ ସହଯୋଗ କରିଥିଲେ ।

ସୁରେଶ ଛନ୍ଦ, ମାନସ, ଅମିତ୍ ପତି, ପ୍ରଦୀପ ପଟେଲ, ଅଜୟ, ଦିଲ୍ଲୀପ, ତର୍ପଣ, ଚିତ୍ରସେନ, ପ୍ରିୟଙ୍କା, ଚନ୍ଦନ, ଲିପନ, ଚମନ୍, ଅଲିଭା, ରେଣୁ, ପିଙ୍କି,ପ୍ରୀୟଂସୁ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ସାହିତ୍ୟ ଟୁଙ୍ଗୀ ଏବଂ କବିତା ଆସର

ଜୟପୁର,୨୯/୧୨ (ନି.ପ୍ର): ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସାହିତ୍ୟ ଟୁଙ୍ଗୀ ଆଜି ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀନଗରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନ ପକ୍ଷରୁ ମାସିକ କବିତା ଆସର ଆୟୋଜିତ ହୋଇଥିବାବେଳେ ରାଜ୍ୟ ଫୁଟ୍‌ବଲ୍ ଟିମ୍‌ରେ ସ୍ଥାନ ପାଇଥିବା ଜୟପୁରର ଖେଳାଳୀ ଟାଇଟେସ୍ ହରିଜନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଂ ଭାସ୍କର ସାମନ୍ତରାୟ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ଼ ଯୋଗ ଦେଇଥିଲେ ।

# ଟାଟା ପାୱାରର ଖାଉଟି ଲୁଣ୍ଠନ ଓ ରାଜ୍ୟ ସରକାରଙ୍କ କମ୍ପାନୀ ତୋଷଣ ନୀତି ବିରୋଧରେ ଆନ୍ଦୋଳନର ଆହ୍ୱାନ

କୋରେଇ,୨୯/୧୨ (ନି.ପ୍ର): ଖାଉଟି ଲୁଣ୍ଠନ ଓ ଟାଟା ପାୱାରର ଲାଭ ଉପାର୍ଜନକୁ ସୁନିଶ୍ଚିତ କରିବା ପାଇଁ ଉପଭୋକ୍ତାଙ୍କ ଘରେ ସରକାର ନିଜ ଖର୍ଚ୍ଚରେ ସ୍ମାର୍ଟ ମିଟର ବସାଇ ପ୍ରଥମ ଦଫାରେ ରାଜକୋଷରୁ ୭୩୫ କୋଟି ଟଙ୍କା ଅପବ୍ୟୟ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ଅର୍ଥାତ୍ ଏହାପରେ ରାଜକୋଷରୁ ଆହୁରି ଅଧିକ ବ୍ୟୟ କରାଯିବ । ଏଠାରେ ସ୍ମରଣ କରାଯାଇପାରେ ଯେ, ଏହା ପୂର୍ବରୁ ଦୁଇ କିଲୋୱାଟ ପର୍ଯ୍ୟନ୍ତ ଘରୋଇ ଉପଭୋକ୍ତାଙ୍କୁ ବିନା ଭଡ଼ାରେ ସ୍ମାର୍ଟ ମିଟର ଯୋଗାଇବାକୁ ଟାଟା ପାୱାରକୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ଏହି ନିଷ୍ପତି ଟାଟା ପାୱାର ଉପରେ ସ୍ମାର୍ଟ ମିଟର ବସାଇବା ବାବଦ ବ୍ୟୟ ଭାରକୁ ଲାଘବ କରି ତା'ର ଲାଭର ମାତ୍ରାକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ । ଆହୁରି ମଧ୍ୟ ବିଦ୍ୟୁତ ନିୟାମକ ଆୟୋଗ ଘୋଷଣା କରିଥିଲେ ଯେ, ଉପଭୋକ୍ତାମାନଙ୍କ ଘରେ ସ୍ମାର୍ଟମିଟର ବସାଇବା ପୂର୍ବରୁ ପ୍ରଥମେ ପରୀକ୍ଷାମୂଳକ ଭାବେ ସବୁ ପଂଚାୟତ ଅଫିସ ତଥା ଅନ୍ୟାନ୍ୟ ସରକାରୀ ଅଫିସରେ ପ୍ରଚଳିତ ମିଟର ସହ ସ୍ମାର୍ଟ ମିଟର ବସାଇ ଦୁଇଟି ମିଟରର ରିଡିଂକୁ ତୁଳନା କରାଯାଉ । ଏହି ପରୀକ୍ଷା କରାଯିବା ପାଇଁ ସରକାର ଏତେ ବିଚଳିତ ହୋଇ କାହିଁକି ନିଜ ବ୍ୟୟରେ ସ୍ମାର୍ଟମିଟର ବସାଇବା ପାଇଁ ଆଗେଇ ଆସିଲେ ତାହା ବିଦ୍ୟୁତ୍ ଉପଭୋକ୍ତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଉତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ପରିଷଦ ରାଜ୍ୟ ବିଜେପି ସରକାରଙ୍କ ଏହି ଜନବିରୋଧୀ ନୀତିର ଦୃଢ଼ ବିରୋଧ କରୁଛି । ଏହା ସହିତ ବିଦ୍ୟୁତ୍ ଦେୟ ବୃଦ୍ଧି ପାଇଁ ଯେଉଁ କସରତ ଆରମ୍ଭ ହୋଇଛି, ତାହାର ମଧ୍ୟ ପ୍ରତିବାଦ ଜଣାଉଛି । ଯେତେବେଳେ ଖାଉଟିମାନଙ୍କୁ ଠକି ଟାଟା ପାୱାର ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ଦରଠାରୁ ଅଧିକ ହାରରେ ବିଦ୍ୟୁତ୍ ଦେୟ ସଂଗ୍ରହ କରିଛି ଓ ତାକୁ ସୁଧ ସହ ଫେରସ୍ତ କରିବାର ଆବଶ୍ୟକତା ରହିଛି, ସେତେବେଳେ ପୁଣି ବିଦ୍ୟୁତ୍ ଦର ବୃଦ୍ଧି ପାଇଁ କାହିଁକି ପ୍ରକ୍ରିୟାର ସୂତ୍ରପାତ କରାଯାଇଛି ? ସ୍ମାର୍ଟ ମିଟର ବସାଇବା ଓ ଉତର ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ଅଧ୍ୟକ୍ଷ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଆବାହକ ସନ୍ତୋଷ ଦାସଙ୍କ ସମେତ ଭାଗବତ ପ୍ରତିହାରୀ, ଗୌରାଂଗ ପାଣିଗ୍ରାହୀ, ଶିଶିର ହୁଇ, ନିର୍ମଳ ନାୟକ, ମୃତ୍ୟୁଞ୍ଜୟ ବେହେରା, ଦୈତାରୀ ଆପଟ, ପ୍ରହ୍ଲାଦ ପତି, ଅଗଣି ଜେନା, ଦିବ୍ୟସିଂହ ନାୟକ ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ କର୍ମକର୍ତା ବୃନ୍ଦ ଏହି ନିଷ୍ପତି ଗ୍ରହଣ କରିଛନ୍ତି । ଟାଟା ପାୱାରର ଲୁଣ୍ଠନ ଓ ରାଜ୍ୟ ସରକାରଙ୍କ କମ୍ପାନୀ ତୋଷଣ ନୀତି ବିରୋଧରେ ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ବି ଗ୍ରାହକମାନଙ୍କୁ ଆହ୍ୱାନ ଦିଆଯାଇଛି ।

# ଗୋଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟରେ ଦର୍ଶକ ବିଭୋର

କେନ୍ଦୁଝର,୨୯/୧୨ (ନି.ପ୍ର): କେନ୍ଦୁଝର କାଳୀ ପଡିଆରେ ଚାଲିଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ୨୦୨୫ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଶନିବାର କେନ୍ଦୁଝର ଜିଲା ଗୋଣ୍ଡ ସଂସ୍କୃତିକ ସମାଜ ତରଫରୁ ଗୋଣ୍ଡ ପାରମ୍ପାରିକ ଯୁଦ୍ଧ କଳା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଗୋଁଡ ସମ୍ପ୍ରଦାୟର ପରମ୍ପରା ଓ ସଂସ୍କୃତି ଉପରେ ପର୍ଯ୍ୟବେକ୍ଷିତ ଯୁଦ୍ଧକଳା ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଗୋଣ୍ଡ ସଂସ୍କୃତିକ ସମାଜ, କେନ୍ଦୁଝର ଦ୍ୱାରା ପ୍ରଦର୍ଶିତ ଗୋଣ୍ଡ ଜନଜାତିର ପାରମ୍ପାରିକ ଖଣ୍ଡା ନୃତ୍ୟ । ଏହି ନୃତ୍ୟ କେବଳ ଏକ କଳା ନୁହେଁ, ବରଂ ପୂର୍ବପୁରୁଷମାନଙ୍କ ଠାରୁ ପ୍ରାପ୍ତ ଏକ ଗୌରବମୟ ଯୁଦ୍ଧ ପରମ୍ପରା । ଏହି ପାରମ୍ପରିକ ଖଣ୍ଡା ନୃତ୍ୟ ଗୋଣ୍ଡ ସମାଜର ମହିଳା ମାନଙ୍କୁ ଶିକ୍ଷା ଦିଆଯାଏ ଓ ମହିଳାମାନେ ପ୍ରତି ପଲ୍ଲୀରେ ଅନୁଷ୍ଠିତ ହେଉଥିବା ଗୌରୀ ପୂଜା ସମୟରେ ଏହି ଖଣ୍ଡା ନୃତ୍ୟ ପରିବେଷଣ କରିଥାଆନ୍ତି । ଗୁରୁ ନିର୍ମଳ ଚନ୍ଦ୍ର ନାୟକ ଏହି ଖଣ୍ଡା ନୃତ୍ୟର ନିର୍ଦ୍ଦେଶନା ଦେଇଥିବାବେଳେ ଯୁଦ୍ଧକଳା ର ସ୍ୱର ସଂଯୋଗ ଗୁରୁ ଅର୍ଜୁନ ନାୟକ ଦେଇଥିଲେ । ଏହି ସଂସ୍କୃତି କଯ୍ୟକ୍ରମକୁ ଗୋଁଡ ସାଂସ୍କୃତିକ ସମାଜର ଜିଲ୍ଲା ସଭାପତି ଜନାର୍ଦ୍ଦନ ନାୟକ, ଉପ ସଭାପତି କିରଣବାଳା ନାୟକ , ଅନାଦି ଚରଣ ନାୟକ, ସମ୍ପାଦକ ଚକ୍ରଧର ନାୟକ , ଦିଗମ୍ବର ଖଣ୍ଡା, ଅପୂର୍ବ ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ରାଧକାନ୍ତ ନାୟକ , ଗୋଲଖ ମାନସିଂହ , ଦୟାନିଧି ଖଣ୍ଡା, ଫକୀର ଚନ୍ଦ୍ର ଖଣ୍ଡା , ଉମାକାନ୍ତ ନାୟକ , ଦିଗାମ୍ବର ଦଣ୍ଡପାଟ ,ଜୟନ୍ତୀ ସିଂହ ଏବଂ ରମେଶ ଚନ୍ଦ୍ର ଖଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ୪୨ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ: ଜିସିସି ଇନ୍ଦୁପୁରକୁ ହରାଇ ସାଇ ଇଲେଭେନ ଭୁବନେଶ୍ୱର ଚମ୍ପିଅନ

ଧର୍ମଶାଳା,୨୯/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୨ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚରେ ଜିସିସି ଇନ୍ଦୁପୁରକୁ ୪ ଉଇକେଟରେ ହରାଇ ଚଳିତ ବର୍ଷ ସାଇ ଇଲେଭେନ ଭୁବନେଶ୍ୱର ଚମ୍ପିଅନ ଆଖ୍ୟା ଅର୍ଜନ କରିଛି । ଜିସିସି ଇନ୍ଦୁପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଗୌରବ ଚୌଧୁରୀ ୨୬ ବଲରେ ୫୨ ଓ ମହମ୍ମଦ କାଶିମସେଫ୍ ୩୬ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ସତ୍ୟକାମ୍ ଭରଦ୍ୱାଜ ୪ଓଭର ବୋଲିଂ କରି ୩୫ ରନ ଦେଇ ୩ଗୋଟି ଓ ଅନିକେତ୍ ସିଂ ଲାଭି ୨୯ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବ୍ ? ରେ ୧୭୨ରନର ବିଜୟ ଲକ୍ଷ ନେଇ ସାଇ ଇଲେଭେନ ୧୯ଓଭରରେ ୬ ଉଇକେଟ ହରାଇ ବିଜୟ ଲାଭ କରି ଚଳିତ ବର୍ଷ ଚମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଦଳ ପକ୍ଷରୁ ସତ୍ୟକାମ୍ ଭରଦ୍ୱାଜ ସର୍ବାଧିକ ୩୮ ବଲରେ ୬୦ ଓ ଏମ ପ୍ରଶାନ୍ତ ୪୧ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ନୟନ ଗୁପ୍ତା ୫ ଓଭର ବୋଲିଂ କରି ୩୭ ରନ ଦେଇ ୩ଗୋଟି ଉଇକେଟ ନେଇଥିଲେ । ସାଇ ଇଲେଭେନର ସତ୍ୟକାମ ଭରଦ୍ୱାଜଙ୍କ ମ୍ୟାନ ଅଫ ଦ ମ୍ୟାଚ ଓ ଜିସିସି ଇନ୍ଦୁପୁରର ଏମ୍ ?ଡି ଅହମ୍ମଦଙ୍କ ମ୍ୟାନ ଅଫ ଦ ସିରିଜ ଘୋଷିତ କରାଯାଇଥିଲା । ଏହି ଫାଇନାଲ ଖେଳ ପରିଚାଳନାରେ ଶ୍ରଦ୍ଧା ସୁମନ ସାହୁ ଓ ପ୍ରଭାତ ଜେନା ସହଯୋଗ କରିଥିଲେ । ସ୍କୋରରଭାବେ ରୋଶନ ସାହୁ, ସୁମନ ସୁବ୍ରତ ରାଉତ ଓ ଭାଷ୍ୟକାରଭାବେ ସରୋଜ ପଟ୍ଟନାୟକ, ଅରୁଣ ପତି ଓ ସେକ୍ ଇମ୍ରାନ ପରିଚାଳନାରେ ସହଯୋଗ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରୀୟନାଥ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱ ରଂଜନ ମଲ୍ଲିକ ଓ ସମ୍ମାନୀତ ଅତିଥି ଭାବେ ଝାଲପଡା ସରପଂଚ ଭାରତୀ ମଲ୍ଲିକ, ସମିତିସଭ୍ୟ ନିର୍ମଳ ସାମଲ, କାମାକ୍ଷା ପ୍ରସାଦ ସାହୁ ଓ ଶିକ୍ଷାବିତ୍ ଅଜୟ କୁମାର ସାହୁ ଯୋଗଦେଇ ଚମ୍ପିଅନ ଦଳକୁ ଚମ୍ପିଅନ ଟ୍ରଫି ସହ ନଗଦ ରାଶି ଓ ରନରଅଫ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

# ମହାଲକ୍ଷ୍ମୀ ସେବା ସଂଗଠନ ତରଫରୁ ଶ୍ମଶାନ ସଫେଇ

ଭୁବନ,୨୯/୧୨ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ, ବଉଳ ଛକ, ଲତାବିଲ ର 'ଶ୍ରୀ ମହାଲକ୍ଷ୍ମୀ ସେବା ସଂଗଠନ' ତରଫରୁ ରଗଡ଼ି ଶ୍ମଶାନ ସଫା କରାଯାଇଛି । ସାମାଜିକ କାର୍ଯ୍ୟ ଓ ସେବାକୁ ସର୍ବଦା ଗୁରୁତ୍ୱ ଦେଇ ବିଭିନ୍ନ ଜନ ହିତକର କାର୍ଯ୍ୟ କରୁଥିବା ବେଳେ ଦୀର୍ଘଦିନ ହେଲା ଅବହେଳିତ ଅବସ୍ଥାରେ ଥିବା ରଗଡ଼ି ଶ୍ମଶାନକୁ ଅନୁଷ୍ଠାନର କର୍ମକର୍ତା ମାନେ ସଫା କରି ସାରା ସହରରେ ପ୍ରଶଂସାର ପାତ୍ର ହୋଇଛନ୍ତି । ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ୱାବଧାନରେ ସମ୍ପାଦକ ପ୍ରଦୀପ୍ତ କୁମାର ମହାରଣା, କୋଷାଧ୍ୟକ୍ଷ ମନୋଜ କୁମାର ଦାସ, ଦିଲ୍ଲୀପ କୁମାର ରାଉତ, ପ୍ରକାଶ ରାଉତ, ଜଳଧର ବେହେରା, ସଞ୍ଜୀବ କୁମାର ମହାନ୍ତି, ଅକ୍ଷୟ ବିହାରୀ, ଉମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ ମହାନ୍ତି, ସୌମ୍ୟ ରଂଜନ ପାଲ, ଲକ୍ଷ୍ମୀକାନ୍ତ ସାହୁ, ବଳରାମ ଦାସ, ଚିନ୍ମୟ ମହାରଣା, ଦୁର୍ଯୋଧନ ବେହେରା ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ ।

# ଏସବୁ କାମ ନ କଲେ ଲାପଟପ ଦେବ ଧୋକା



ପାଠପଢ଼ାଠାରୁ ଆରମ୍ଭ କରି ଅଫିସ୍ କାମ ପର୍ଯ୍ୟନ୍ତ, ଲାପଟପ୍ ଅନେକ ଆବଶ୍ୟକତା ପୂରଣ କରେ। ଅନେକ ଲୋକ ଏହାକୁ କାମ ଏବଂ ମନୋରଞ୍ଜନ ପାଇଁ ବ୍ୟବହାର କରନ୍ତି। ଯେଉଁମାନେ ଅଫିସ ଯାଆନ୍ତି, ସେମାନେ ପାଇଁ ଫୋନ ପରି ଲାପଟପ୍ ମଧ୍ୟ ସାଙ୍ଗରେ ନେଇଥାନ୍ତି। ଏପରି ପରିସ୍ଥିତିରେ, ଲାପଟପକୁ ଅଧିକ ଦିନ ପର୍ଯ୍ୟନ୍ତ ଠିକଠାକ ରଖିବା ପାଇଁ କିଛି ଟିପ୍ସ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଟିପ୍ସଗୁଡ଼ିକ ବିଷୟରେ ଜାଣନ୍ତୁ ।

ଲାପଟପକୁ ବାହ୍ୟ କ୍ଷତିରୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ, ଲାପଟପ୍ ଭିତରେ ବହୁତ ସୂକ୍ଷ୍ମ ଉପାଦାନ ଅଛି, ଯାହା ଏକ ବଡ଼ ଆଘାତ ଯୋଗୁଁ କ୍ଷତିଗ୍ରସ୍ତ ହୋଇପାରେ। ଏପରି ପରିସ୍ଥିତିରେ, ବାହ୍ୟ କ୍ଷତିକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ତେଣୁ, ଯଦି ଆପଣ ଯାତ୍ରା କରିବା ସମୟରେ ଲାପଟପ୍ ଇତ୍ୟାଦି ସାଙ୍ଗରେ ରଖୁଛନ୍ତି, ତେବେ ଏଥିପାଇଁ ଏକ ଭଲ ଗୁଣବତ୍ତାର ବ୍ୟାଗ୍ ରଖିବା ଗୁରୁତ୍ୱପୂର୍ଣ୍ଣ।

କିଛି ଲୋକ କାମ କରିବା ସମୟରେ ଭୁଲବଶତଃ ଲାପଟପରେ ଚା, ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ଢାଳି ଦିଅନ୍ତି। ଏହା ଲାପଟପର ଆଭ୍ୟନ୍ତରୀଣ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଇପାରେ। ତେଣୁ, ଲାପଟପ୍ ଠାରୁ ଯେକୌଣସି ପ୍ରକାରର ତରଳ ପଦାର୍ଥ ଦୂରରେ ରଖନ୍ତୁ।

ଅଧିକ ଗରମ ହେବା ଦ୍ୱାରା ଲାପଟପର ବ୍ୟାଟେରୀ ପ୍ରଭାବିତ ହୁଏ। ଗରମ ତାପମାତ୍ରାରେ ନିରନ୍ତର କାମ କରିବା ଦ୍ୱାରା ବ୍ୟାଟେରୀ କ୍ଷମତା ହ୍ରାସ ପାଏ। ତେଣୁ, ଆପଣଙ୍କ କାର୍ଯ୍ୟସ୍ଥଳର ତାପମାତ୍ରାକୁ ସର୍ବଦା ଥଣ୍ଡା ରଖନ୍ତୁ। ଏଥିପାଇଁ, କୁଲିଂ ପ୍ୟାଡ୍ ବ୍ୟବହାର କରାଯାଇପାରିବ।

ମାଲୱେର୍ ଏବଂ ଭାଇରସ୍ ଡାଟା ଚୋରି କରିବା ସହିତ ଲାପଟପ୍‌ର କାର୍ଯ୍ୟଦକ୍ଷତାକୁ ଧୀର କରିପାରେ। ଭାଇରସ ଯୋଗୁଁ, ଲାପଟପ୍ ହଠାତ୍ କାମ କରିବା ବନ୍ଦ କରିଦେଇପାରେ କିମ୍ବା ଏହା ହ୍ୟାକର୍ସଙ୍କୁ ଆପଣଙ୍କ ବ୍ୟକ୍ତିଗତ ତଥ୍ୟର ଆକ୍ସେସ୍ ଦେଇପାରେ। ତେଣୁ, ଲାପଟପ୍‌କୁ ଭାଇରସ୍ ଏବଂ ମାଲୱେର୍ ଠାରୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ।

କିଛି ଲୋକ ୱିଣ୍ଡୋଜ୍ ଅପଡେଟ୍ କିମ୍ବା ସୁରକ୍ଷା ଅପଡେଟ୍ ଅଣଦେଖା କରନ୍ତି। ଲାପଟପ୍ କିମ୍ବା ମୋବାଇଲ୍ ସମେତ ଯେକୌଣସି ଡିଭାଇସ୍ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଏହି ଅପଡେଟ୍ ଆବଶ୍ୟକ। ତେଣୁ, ନିୟମିତ ଭାବରେ ଆପଣଙ୍କ ଡିଭାଇସକୁ ଅପଡେଟ୍ କରିରଖନ୍ତୁ। ଏହା କେବଳ ନୂତନ ବୈଶିଷ୍ଟ୍ୟ ପ୍ରଦାନ କରେ ନାହିଁ, ଏହା କ୍ଷତିର ଆଶଙ୍କାକୁ ମଧ୍ୟ ହ୍ରାସ କରେ।

# ପଦ୍ମନାଡ଼ ସେବନ କଲେ ମିଳିବ ଏ ସବୁ ସମସ୍ୟାରୁ ମୁକ୍ତି





ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ।

ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ । ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।

ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।

ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ ।

# ଅଫିସ୍‌ରେ ବସି ବସି ବିନ୍ଧୁଛି କି ଅଣ୍ଟା-ପିଠି; ଅଫିସ୍ ଚେୟାରରେ ହିଁ କରନ୍ତୁ ଏହି ଯୋଗ, ମିଳିବ ଆରାମ

ଅଫିସ୍‌ରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଚେୟାରରେ ବସି କାମ କରିବା ଦ୍ୱାରା ଅନେକଙ୍କ ଅଣ୍ଟା-ପିଠି ସମସ୍ୟା ଦେଖାଯାଏ। ଯଦି ଜଣେ ବ୍ୟସ୍ତବହୁଳ ଜୀବନଶୈଳୀରେ ଯୋଗ ଅଭ୍ୟାସ କରିବାକୁ ସମୟ ନ ପାଏ, ତେବେ ଏମିତି କିଛି ଯୋଗ ମଧ୍ୟ ଅଛି ଯାହାକୁ ଅଫିସରେ ଅଭ୍ୟାସ କରାଯାଇପାରେ। ଆସନ୍ତୁ ଜାଣିବା...



ଯେଉଁମାନେ ଅଫିସ୍‌ରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ସମାନ ଅବସ୍ଥାରେ ଡେସ୍କରେ ବସି କାମ କରନ୍ତି, ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅଧିକାଂଶ ଅଫିସ୍ କାମ ପ୍ରାୟ ୯ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ, ଯେଉଁ କାରଣରୁ କର୍ମଚାରୀଙ୍କ ମନ ଏବଂ ଶରୀର ଅନେକ ମାତ୍ରାରେ ପ୍ରଭାବିତ ହୋଇପାରେ। ଦିନସାରା ବସି କାମ କରିବା କାରଣରୁ ମୁଣ୍ଡବିନ୍ଧା, ଥକାପଣ ଏବଂ ଚାପ ଭଳି ସମସ୍ୟା ଆସିବା ସ୍ୱାଭାବିକ।

ଅନେକ ଲୋକ ଅଣ୍ଟା ଏବଂ ପିଠି ଯନ୍ତ୍ରଣାକୁ ନେଇ ଅସୁବିଧାର ମଧ୍ୟ ସମ୍ମୁଖିନ ହୁଅନ୍ତି। ଏହା ବ୍ୟତୀତ ଚର୍ବି ମଧ୍ୟ ବୃଦ୍ଧି ପାଇବାରେ ଲାଗେ। ଶାରୀରିକ କାର୍ଯ୍ୟକଳାପ ବିନା ଚେୟାରରେ ବସି ବସି କାମ କରିବା ଦ୍ୱାରା ମୋଟାପା ବଢେ ଏବଂ ପେଟ ମଧ୍ୟ ବାହାରି ପଡେ। ଅବଶ୍ୟ, ଅଫିସ୍ କାର୍ଯ୍ୟରେ କ୍ରମାଗତ ବସିବା କାରଣରୁ ହେଉଥିବା ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଯୋଗ ଅଭ୍ୟାସ ରହିଛି। ଯୋଗ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖେ। ଯଦି ଜଣେ ବ୍ୟସ୍ତବହୁଳ ଜୀବନଶୈଳୀରେ ଯୋଗ ଅଭ୍ୟାସ କରିବାକୁ ସମୟ ନ ପାଏ, ତେବେ ଏମିତି କିଛି ଯୋଗ ମଧ୍ୟ ଅଛି ଯାହାକୁ ଅଫିସରେ ଅଭ୍ୟାସ କରାଯାଇପାରେ। ଅଫିସ୍‌ରେ ଏକ ଚେୟାରରେ ବସି ଏହି ଯୋଗ ଅଭ୍ୟାସ କରିଯାଇପାରିବ। ତେବେ ଆସନ୍ତୁ ସେହିସବୁ ଯୋଗ ବ୍ୟାୟାମ ବିଷୟରେ ଜାଣିବା ଯାହାକୁ ଅଫିସରେ ଏକ ଚେୟାରରେ ବସି ସହଜରେ କରାଯାଇପାରିବ।

*ଅଫିସ୍‌ରେ ଷ୍ଟ୍ରେଚ୍:*

ଅଫିସ୍‌ରେ ବସି ବସି ଆପଣ ଦିନର ଥକ୍କାପଣ ଏବଂ ଶରୀରର ଯନ୍ତ୍ରଣାରୁ ସହଜରେ ଆରାମ ପାଇପାରିବେ। ରକ୍ତ ସଞ୍ଚାଳନକୁ ଉନ୍ନତ କରିବା ଏବଂ ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଷ୍ଟ୍ରେଚିଂ ଏକ ଭଲ ପ୍ରକ୍ରିୟା। ଶରୀରରେ କୋଲେଷ୍ଟ୍ରଲ୍ ହ୍ରାସ କରିବାରେ ଏହା ଖୁବ ଲାଭଦାୟକ ହୋଇଥାଏ।

*ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଷ୍ଟ୍ରେଚିଂ*

*ଅଫିସ୍‌ରେ କିପରି କରିବେ ଷ୍ଟ୍ରେଚିଂ:*

ଷ୍ଟେପ୍ ୧ – ଅଫିସରେ ବସିବା ସମୟରେ ଷ୍ଟ୍ରେଚିଂ କରିବା ପାଇଁ ପ୍ରଥମେ ଦୁଇ ହାତକୁ ଉପରକୁ ଉଠାନ୍ତୁ ଏବଂ ହାତକୁ ମୁଣ୍ଡ ଉପରକୁ ନେଇ ଯାଆନ୍ତୁ

ଷ୍ଟେପ୍ ୨ – ବର୍ତ୍ତମାନ ଉଭୟ ହାତକୁ ମୁଣ୍ଡ ଉପରେ କ୍ରସ୍ କରନ୍ତୁ ଏବଂ ଶରୀରକୁ ଅଣ୍ଟା ଠାରୁ ଉପରକୁ ଟାଣନ୍ତୁ ଏବଂ ହାତ ଉପରେ ଗୁରୁତ୍ୱ ଦିଅନ୍ତୁ

ଷ୍ଟେପ୍ ୩ –ଶ୍ୱାସକୁ ଭିତରକୁ ନେଇ, ହାତ ଏବଂ ଶରୀରର ଉପର ଅଂଶକୁ ଷ୍ଟ୍ରେଚ୍ କରନ୍ତୁ

ଏହି ପ୍ରକ୍ରିୟାକୁ ତିନିରୁ ଚାରିଥର ପୁନରାବୃତ୍ତି କରନ୍ତୁ।

*ଚେୟାର ପୋଜ୍:*

ଚାପ, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଏବଂ ଶରୀର ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆପଣ ଅଫିସ୍ ?ରେ ଚେୟାର ପୋଜ୍ ଅଭ୍ୟାସ କରିପାରିବେ। ଏହାର ଅଭ୍ୟାସ ଅଣ୍ଟା, ମେରୁଦଣ୍ଡ ଏବଂ ଗୋଡକୁ ମଜବୁତ କରେ। ଛାତି ଏବଂ ତଳ ପିଠିକୁ ଆରାମ ଦିଏ। ଏହି ଆସନକୁ ଉତ୍କଟାସନ ମଧ୍ୟ କୁହାଯାଏ।

*ଅଫିସ୍‌ରେ ଚେୟାର ପୋଜ୍ ଅଭ୍ୟାସ*

*କିପରି କରିବେ:*

ଷ୍ଟେପ୍ ୧ – ଏହି ଆସନ କରିବା ପାଇଁ, ଏକ ଚେୟାରରେ ବସି ମେରୁଦଣ୍ଡକୁ ସିଧା କରି ଦୁଇ ପାଦକୁ ଚଟାଣରେ ରଖନ୍ତୁ।

ଷ୍ଟେପ୍ ୨ – ଉଭୟ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ ଏବଂ ଦୀର୍ଘ ଶ୍ୱାସ ନେଇ ଛାତି ବାହାରକୁ ଭିଡନ୍ତୁ

ଷ୍ଟେପ୍ ୩ – କାନ୍ଧକୁ ପଛକୁ ନେଇ ଧୀରେ ଧୀରେ ଶ୍ୱାସ ଛାଡନ୍ତୁ

ଏହି ଆସନକୁ ଅତି କମରେ ପାଞ୍ଚଥର ପୁନରାବୃତ୍ତି କରନ୍ତୁ।

*ଉର୍ଦ୍ଧ୍ୱ ହସ୍ତାସନ:*

ଏହି ଆସନ କରିବା ଦ୍ୱାରା ଚାପ କମିଥାଏ। ଶାରୀରିକ ସନ୍ତୁଳନକୁ ଉନ୍ନତ କରିଥାଏ ଏବଂ ମେରୁଦଣ୍ଡକୁ ସିଧା ରଖିବାରେ ସାହାଯ୍ୟ କରିଥାଏ, ଯାହା ବେକ, ଅଣ୍ଟା ଏବଂ ପିଠି ଯନ୍ତ୍ରଣାକୁ ହ୍ରାସ କରିଥାଏ।

ଅଫିସ୍ ଚେୟାରରେ ଉର୍ଦ୍ଧ୍ୱ ହସ୍ତାସନ

*କରିବାର ପଦ୍ଧତି:*

ଷ୍ଟେପ୍ ୧ – ଏହି ଆସନ ଅଭ୍ୟାସ କରିବା ପାଇଁ ସିଧା ଚେୟାରରେ ବସନ୍ତୁ, ଶ୍ୱାସ ନିଅନ୍ତୁ ଏବଂ ଦୁଇ ହାତକୁ ଉପରକୁ ଉଠାନ୍ତୁ

ଷ୍ଟେପ୍ ୨ – ଏହି ପୋଜରେ କିଛି ସମୟ ରହିବା ପରେ, ଶ୍ୱାସ ଛାଡନ୍ତୁ ଏବଂ ହାତକୁ ତଳକୁ ଆଣନ୍ତୁ ଏହାକୁ ୧୦ ରୁ ୧୫ ଥର ପୁନରାବୃତ୍ତି କରନ୍ତୁ।



# ଘରେ ବନାନ୍ତୁ ଆମ୍ବର ଏହି ସୁଆଦିଆ ରେସିପି



ଆବଶ୍ୟକ ସାମଗ୍ରୀ: ଆମ୍ବ, ସୁଜି, ପାନମଧୁରୀ, ଲୁଣ, ଗୁଡ, ଗୁଆ ଘିଅ, ନଡ଼ିଆ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପାଚିଲା ଆମ୍ବର ରସ ବାହାର କରି ତାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ପାଣି ଦିଅନ୍ତୁ।ଏହାପରେ ପାଣି ଫୁଟିଲେ ସେଥିରେ ପାନମଧୁରୀ, ଲୁଣ, ଗୁଡ଼, ଗୁଆ ଘିଅ ଓ ନଡ଼ିଆ କୋରା ପକାନ୍ତୁ। ଏହା ଭଲ ଭାବେ ଫୁଟି ଗଲେ ଗ୍ୟାସକୁ ସିମ୍ କରି ସେଥିରେ ଆମ୍ବ ପ୍ୟୁରୀ ପକାନ୍ତୁ। କିଛି ସମୟ ଫୁଟିବା ପରେ ଗ୍ୟାସକୁ ସିମ୍ କରି ସେଥିରେ ସୁଜି ପକାଇ ଲଗାତାର ଘାଣ୍ଟନ୍ତୁ।

ଜନ୍ତଣି ପ୍ରସ୍ତୁତ ହୋଇଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହା ଥଣ୍ଡା ହେବା ପରେ କାକରା ଗଢ଼ିବା ଆରମ୍ଭ କରି ଦିଅନ୍ତୁ। ପରେ ଅନ୍ୟ ଏକ କଡ଼େଇ ତେଲ ଗରମ କରି ପୂର୍ବରୁ ପ୍ରସ୍ତୁତ କାକରାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆମ୍ବ କାକରା। ଏହି ରେସିପିଟିକୁ ଆପଣ ପର୍ବପର୍ବାଣିରେ ତିଆରି କରି ଖାଇ ପାରିବେ

# ଶିଡ଼ି ତଳେ ରଖନ୍ତୁନି ଏହି ଜିନିଷ



ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ରଖାଯାଇଥିବା ପ୍ରତିଟି ଜିନିଷ ବ୍ୟକ୍ତିର ଆର୍ଥିକ, ଶାରୀରିକ ଓ ମାନସିକ ସ୍ଥିତି ଉପରେ ଶୁଭାଶୁଭ ପ୍ରଭାବ ପକାଏ। ଆଜିକାଲି ଲୋକେ ବହୁତ କମ୍ ଜାଗାରେ ଘର କରୁଥିବାରୁ ଶିଡ଼ି ଘରେ କିଛି ଜିନିଷ ନିର୍ମାଣ କରି ଦେଉଛନ୍ତି। ଯାହା ବାସ୍ତୁଦୋଷର କାରଣ ପାଲଟି ଯାଉଛି। ବାସ୍ତୁ ଅନୁସାରେ, ଘର ନିର୍ମାଣ ସମୟରେ ଶିଡ଼ି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଘରର ଭୁଲ୍ ଦିଗରେ ଶିଡ଼ି ନିର୍ମାଣ ଦ୍ୱାରା ଆର୍ଥିକ ସଙ୍କଟ ଦେଖାଯିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥାଏ। ତେବେ ଶିଡ଼ି ନିର୍ମାଣ ସମୟରେ କେତୋଟି କଥା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଶିଡ଼ି ତଳେ ଶୌଚାଳୟ, ରୋଷେଇ ଘର, ପୂଜାଘର, ପଢ଼ାଘର କିମ୍ବା ଷ୍ଟୋର ରୁମ୍ ରଖୀବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରୁହେ।

ଘରର ଶିଡ଼ି ସବୁବେଳେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ହେବା ଉଚିତ୍। ଉତ୍ତର କିମ୍ବା ପୂର୍ବ ଦିଗରେ ଶିଡ଼ି ଥିଲେ, ଏଥିଯୋଗୁଁ ଆର୍ଥିକ ଅନଟନ ଦେଖାଯାଏ ବୋଲି କୁହାଯାଏ। ଶିଡ଼ି ତଳେ ଡଷ୍ଟବିନ୍ ରଖୀବା ଅନୁଚିତ। ଏଥିଯୋଗୁ ବାସ୍ତୁଦୋଷ ସୃଷ୍ଟି ହୋଇଥାଏ। ସେହିଭଳି ଶିଡ଼ି ତଳେ ଜୋତା କିମ୍ବା ଜୋତା ଷ୍ଟାଣ୍ଡ ରଖୀବା ଅନୁଚିତ। ଏହାଦ୍ୱାରା ଘରେ ଅର୍ଥର ଅଭାବ ଦେଖାଯାଏ।

# କାହିଁକି ପୂଜା ପାଆନ୍ତିନି ବ୍ରହ୍ମା



ହିନ୍ଦୁ ଗ୍ରନ୍ଥ ଓ ପୁରାଣ ଅନୁସାରେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛନ୍ତି ସୃଷ୍ଟିର ନିର୍ମାତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା। ତେବେ ବିଷ୍ଣୁ ଓ ଶିବଙ୍କ ମନ୍ଦିର ଥିବା ବେଳେ ବ୍ରହ୍ମାଙ୍କ ମନ୍ଦିର ଦୃଶ୍ୟମାନ ହୁଏ ନାହିଁ। ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ପୁଷ୍କରରେ ଅଛି। ଦେବୀ ସାବିତ୍ରୀଙ୍କ ଅଭିଶାପ ଯୋଗୁଁ ବ୍ରହ୍ମାଙ୍କ ପୂଜାକୁ ବାରଣ କରାଯାଇଛି। ପୁରାଣ ଅନୁସାରେ, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ହାତରେ ପଦ୍ମ ଫୁଲ ଧରି ନିଜ ବାହନ ହଂସ ଉପରେ ବସି ଅଗ୍ନି ଯଜ୍ଞ ପାଇଁ ଏକ ଉପଯୁକ୍ତ ସ୍ଥାନ ଖୋଜୁଥିଲେ। ସେତିକିବେଳେ ଗୋଟିଏ ସ୍ଥାନରେ ତାଙ୍କ ହାତରୁ ପଦ୍ମ ଫୁଲ ଖସି ପଡ଼ିଲା। ଫୁଲ ପୃଥିବୀପୃଷ୍ଠରେ ପଡ଼ିବା କ୍ଷଣି ଝରଣା ସୃଷ୍ଟି ହେଲା ଏବଂ ସେହି ଝରଣାରୁ ତିନିଟି ସରୋବର ସୃଷ୍ଟି ହେଲା। ଯେଉଁ ସ୍ଥାନରେ ତିନିଟି ଝରଣା ସୃଷ୍ଟି ହେଲା, ତାହା 'ବ୍ରହ୍ମା ପୁଷ୍କର', 'ବିଷ୍ଣୁ ପୁଷ୍କର' ଏବଂ 'ଶିବ ପୁଷ୍କର' ନାଁରେ ପରିଚିତି ଲାଭ କଲା। ଏହା ଦେଖୀ ବ୍ରହ୍ମା ସେହି ସ୍ଥାନରେ ଯଜ୍ଞ କରିବା ନିଷ୍ପତ୍ତି ନେଲେ। ଯଜ୍ଞରେ ପତ୍ନୀ ସାବିତ୍ରୀଙ୍କ ଉପସ୍ଥିତି ଜରୁରି ଥିଲା। କିନ୍ତୁ ସାବିତ୍ରୀ ସେଠାରେ ନଥିଲେ ଏବଂ ଶୁଭ ମୁହୂର୍ତ୍ତ ଗଡ଼ି ଯାଉଥିଲା। ଏହି କାରଣ ଯୋଗୁଁ ବ୍ରହ୍ମା ସେହି ସମୟରେ ଉପସ୍ଥିତ ଜଣେ ସୁନ୍ଦରୀ ଯୁବତୀଙ୍କୁ ବିବାହ କରି ତାଙ୍କ ସହ ଯଜ୍ଞ ସମ୍ପନ୍ନ କଲେ। ଏ କଥା ଯେବେ ଦେବୀ ସାବିତ୍ରୀ ଜାଣିଲେ, ବ୍ରହ୍ମାଙ୍କୁ ଅଭିଶାପ ଦେଇ କହିଲେ, 'ଯିଏ ସୃଷ୍ଟିର ରଚନା କରିଛନ୍ତି, ତାଙ୍କୁ କେଉଁଠି ବି ପୂଜା କରାଯିବ ନାହିଁ।' ଏହି ଅଭିଶାପ ଯୋଗୁଁ ପୁଷ୍କରରେ କେବଳ ଏକମାତ୍ର ବ୍ରହ୍ମାଙ୍କ ମନ୍ଦିର ଅଛି।

## ୟୁକ୍ରେନ ଯୁଦ୍ଧର ଅନ୍ତ: ବାସ୍ତବତା ନା ମରୀଚିକା ?

ନିକଟରେ ଫ୍ଲୋରିଡାର ମାର-ଏ-ଲାଗୋରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ବିଶ୍ୱ ରାଜନୀତିରେ ଏକ ନୂତନ ତଥା ନିର୍ଣ୍ଣାୟକ ଅଧ୍ୟାୟର ସୂତ୍ରପାତ କରିଛି । ୨୦୨୫ ମସିହା ଡିସେମ୍ବର ମାସର ଶେଷ ଭାଗରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନ ରହି ସମଗ୍ର ୟୁରୋପୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ଗଭୀର ପ୍ରଭାବ ପକାଇବାକୁ ଯାଉଛି। ଦୀର୍ଘ ଚାରି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ଅବସାନ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ବିବେଚନା କରାଯାଉଛି । ତେବେ ଏହି ବୈଠକରୁ ଯେଉଁ ନିଷ୍କର୍ଷ ବାହାରିଛି, ତାହା ୟୁକ୍ରେନ ପାଇଁ କେତେଦୂର ଲାଭଦାୟକ ଏବଂ ଭବିଷ୍ୟତରେ ଏହା ରୁଷର ଆକ୍ରମଣାତ୍ମକ ମନୋଭାବକୁ ରୋକିବାରେ କେତେ ସଫଳ ହେବ, ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ଆମେରିକା ପକ୍ଷରୁ ପ୍ରସ୍ତାବିତ ସୁରକ୍ଷା ଗ୍ୟାରେଣ୍ଟି ବା ପ୍ରତିଶ୍ରୁତିକୁ ନେଇ ଅନେକ ତର୍ଜମା ଆରମ୍ଭ ହୋଇଛି, ଯାହା ନାଟୋ ସଦସ୍ୟତା ବଦଳରେ ୟୁକ୍ରେନକୁ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତି, ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଏବଂ ୟୁକ୍ରେନର ଭବିଷ୍ୟତ ସୁରକ୍ଷାକୁ ନେଇ ଏକ ବିସ୍ତୃତ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ଏହି ବୈଠକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବିବାଦୀୟ ଦିଗ ହେଉଛି ୟୁକ୍ରେନର ନାଟୋ ସଦସ୍ୟତା ପ୍ରସଙ୍ଗରୁ ଆମେରିକାର ଦୂରେଇ ରହିବା ଏବଂ ଏହାର ବିକଳ୍ପ ଭାବରେ ଦ୍ୱିପାକ୍ଷିକ ସୁରକ୍ଷା ଚୁକ୍ତି ଉପରେ ଗୁରୁତ୍ୱ ଦେବା । ଜେଲେନସ୍କି ଦୀର୍ଘ ଦିନ ଧରି ୟୁକ୍ରେନକୁ ନାଟୋର ସ୍ଥାୟୀ ସଦସ୍ୟତା ପ୍ରଦାନ କରିବାକୁ ଦାବି କରିଆସୁଥିଲେ, କାରଣ ନାଟୋର ଧାରା-୫ ଅନୁଯାୟୀ ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣକୁ ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ବିବେଚନା କରାଯାଏ । କିନ୍ତୁ ଟ୍ରମ୍ପ ପ୍ରଶାସନର ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ, ବର୍ତ୍ତମାନ ପରିସ୍ଥିତିରେ ୟୁକ୍ରେନକୁ ନାଟୋରେ ସାମିଲ କରିବାକୁ ଆମେରିକା ଇଚ୍ଛୁକ ନୁହେଁ । ଏହାର ପରିବର୍ତ୍ତେ ଆମେରିକା ୧୫ ବର୍ଷ ପାଇଁ ୟୁକ୍ରେନକୁ ସାମରିକ ଏବଂ ଆର୍ଥିକ ସୁରକ୍ଷା ଯୋଗାଇଦେବାକୁ ପ୍ରସ୍ତାବ ଦେଇଛି । ଏହି ସୁରକ୍ଷା ବ୍ୟବସ୍ଥା ମୁଖ୍ୟତଃ 'ଇସ୍ରାଏଲ୍ ମଡେଲ୍' ଉପରେ ଆଧାରିତ ହୋଇପାରେ, ଯେଉଁଠାରେ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧରେ ଅଂଶଗ୍ରହଣ ନ କରି ମଧ୍ୟ ବିପୁଳ ପରିମାଣର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୁଇନ୍ଦା ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେଶଟିକୁ ଶକ୍ତିଶାଳୀ କରିଥାଏ । କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଇସ୍ରାଏଲ୍ ପରି ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ସହ ୟୁକ୍ରେନର ତୁଳନା କେତେଦୂର ଯୁକ୍ତିଯୁକ୍ତ ? ୟୁକ୍ରେନର ଭୌଗୋଳିକ ସ୍ଥିତି ଏବଂ ରୁଷ ପରି ଏକ ବିଶାଳ ଶକ୍ତିଶାଳୀ ପଡୋଶୀ ସହ ଏହାର ଶତ୍ରୁତାକୁ ବିଚାରକୁ ନେଲେ, କେବଳ ଅସ୍ତ୍ରଶସ୍ତ୍ର ଯୋଗାଣ ଯଥେଷ୍ଟ ହେବ କି ନାହିଁ ତାହା ସନ୍ଦେହଜନକ।

ଇତିହାସ ଉପରେ ନଜର ପକାଇଲେ ଦେଖାଯାଏ ଯେ, ୟୁକ୍ରେନ ପାଇଁ କେବଳ କାଗଜପତ୍ରରେ ସୀମିତ ସୁରକ୍ଷା ପ୍ରତିଶ୍ରୁତି ବିଶେଷ ଫଳପ୍ରଦ ହୋଇନାହିଁ । ୧୯୯୪ ମସିହାର ବୁଡାପେଷ୍ଟ ଚୁକ୍ତିନାମା ଏହାର ଏକ ଜ୍ୱଳନ୍ତ ଉଦାହରଣ । ସେତେବେଳେ ୟୁକ୍ରେନ ବିଶ୍ୱର ତୃତୀୟ ବୃହତ୍ତମ ପରମାଣୁ ଅସ୍ତ୍ର ଭଣ୍ଡାର ତ୍ୟାଗ କରିବା ବଦଳରେ ଆମେରିକା, ବ୍ରିଟେନ ଏବଂ ରୁଷଠାରୁ ନିଜର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଲିଖିତ ପ୍ରତିଶ୍ରୁତି ପାଇଥିଲା । କିନ୍ତୁ ୨୦୧୪ ମସିହାରେ କ୍ରିମିଆ ଦଖଲ ଏବଂ ୨୦୨୨ର ପୂର୍ଣ୍ଣାଙ୍ଗ ଯୁଦ୍ଧ ସମୟରେ ସେହି ପ୍ରତିଶ୍ରୁତି କୌଣସି କାମରେ ଆସିନଥିଲା। ତେଣୁ ଜେଲେନସ୍କି ବର୍ତ୍ତମାନ କେବଳ ପ୍ରତିଶ୍ରୁତି ନୁହେଁ, ବରଂ 'ବୁଟ୍ସ ଅନ୍ ଦ ଗ୍ରାଉଣ୍ଡ' ବା ଅନ୍ତର୍ଜାତୀୟ ସୈନ୍ୟବାହିନୀର ଉପସ୍ଥିତି ଉପରେ ଗୁରୁତ୍ୱ ଦେଉଛନ୍ତି। ଯୁଦ୍ଧ ବିରତି ପରେ ୟୁକ୍ରେନ ମାଟିରେ ବିଦେଶୀ ସୈନ୍ୟ କିମ୍ବା ଶାନ୍ତିରକ୍ଷା ବାହିନୀର ଉପସ୍ଥିତି ରୁଷକୁ ପୁନର୍ବାର ଆକ୍ରମଣ କରିବାରୁ ନିବୃତ୍ତ କରିବ ବୋଲି କିଭ୍ ବିଶ୍ୱାସ କରୁଛି । କିନ୍ତୁ ଟ୍ରମ୍ପ ଆମେରିକୀୟ ସୈନ୍ୟ ମୁତୟନ କରିବାକୁ ସିଧାସଳଖ ମନା କରିଦେଇଛନ୍ତି, ଯାହା ଫଳରେ ଏହି ଦାୟିତ୍ୱ ୟୁରୋପୀୟ ଦେଶମାନଙ୍କ ଉପରେ ପଡ଼ିବାର ସମ୍ଭାବନା ରହିଛି । ବ୍ରିଟେନ ଏବଂ ଫ୍ରାନ୍ସ ପରି ଦେଶମାନେ ଏଥିପାଇଁ କେତେଦୂର ପ୍ରସ୍ତୁତ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

ଆଲୋଚନା ହୋଇଥିବା ଶାନ୍ତି ପ୍ରସ୍ତାବର ଅନ୍ୟ ଏକ ଜଟିଳ ଦିଗ ହେଉଛି ଡୋନବାସ୍ ଅଞ୍ଚଳ ଏବଂ ଅନ୍ୟାନ୍ୟ ଅଧିକୃତ ଭୂଖଣ୍ଡର ଭବିଷ୍ୟତ । ରୁଷ ବର୍ତ୍ତମାନ ୟୁକ୍ରେନର ପ୍ରାୟ ୨୦ ପ୍ରତିଶତ ଭୂଭାଗ ଦଖଲ କରି ରଖିଛି ଏବଂ ପୁଟିନ୍ ଏହି ଅଞ୍ଚଳଗୁଡ଼ିକରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ସମ୍ପୂର୍ଣ୍ଣ ଅରାଜି । ଅନ୍ୟପକ୍ଷରେ, ଆମେରିକା ଏକ 'ମୁକ୍ତ ଅର୍ଥନୈତିକ ଅଞ୍ଚଳ' ଗଠନର ପ୍ରସ୍ତାବ ଦେଇଛି, ଯଦି ୟୁକ୍ରେନ ସେଠାରୁ ସୈନ୍ୟ ପ୍ରତ୍ୟାହାର କରେ । କିନ୍ତୁ ଏହା ବାସ୍ତବରେ କିପରି କାର ?ୟ୍ୟକାରୀ ହେବ ଏବଂ ରୁଷର ନିୟନ୍ତ୍ରଣରେ ଥାଇ ସେଠାରେ ୟୁକ୍ରେନର କୌଣସି ପ୍ରଭାବ ରହିବ କି ନାହିଁ, ତାହା ଅସ୍ପଷ୍ଟ । ଜେଲେନସ୍କି ସ୍ପଷ୍ଟ କରିଛନ୍ତି ଯେ କୌଣସି ଭୂଖଣ୍ଡ ଛାଡ଼ିବା ନିଷ୍ପତ୍ତି ସେ ଏକାକୀ ନେଇପାରିବେ ନାହିଁ; ଏଥିପାଇଁ ଦେଶରେ ଏକ ଗଣଭୋଟ ବା ରେଫରେଣ୍ଡମ୍‌ର ଆବଶ୍ୟକତା ପଡ଼ିପାରେ । କିନ୍ତୁ ଗଣଭୋଟ ପାଇଁ ଦେଶରେ ଶାନ୍ତିପୂର୍ଣ୍ଣ ବାତାବରଣ ଏବଂ ଅନ୍ତତଃ ୬୦ ଦିନିଆ ଯୁଦ୍ଧ ବିରତି ଜରୁରୀ, ଯାହା ବର୍ତ୍ତମାନର ପରିସ୍ଥିତିରେ ଅସମ୍ଭବ ମନେହୁଏ । ଏହାଛଡ଼ା, ଲକ୍ଷ ଲକ୍ଷ ବିସ୍ଥାପିତ ୟୁକ୍ରେନୀୟ ନାଗରିକଙ୍କ ଅଂଶଗ୍ରହଣ ବିନା ଏହି ଗଣଭୋଟର ବୈଧତା ନେଇ ମଧ୍ୟ ପ୍ରଶ୍ନ ଉଠିପାରେ ।

ଜାପୋରିଝିଆ ପରମାଣୁ କେନ୍ଦ୍ରର ନିୟନ୍ତ୍ରଣ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ୟୁରୋପର ସବୁଠାରୁ ବଡ଼ ଏହି ପରମାଣୁ କେନ୍ଦ୍ରଟି ରୁଷ ନିୟନ୍ତ୍ରଣରେ ରହିବା ୟୁକ୍ରେନର ଶକ୍ତି ନିରାପତ୍ତା ପାଇଁ ଏକ ବିରାଟ ବିପଦ । ଶାନ୍ତି ଚୁକ୍ତିରେ ଏହାର ହସ୍ତାନ୍ତର ବିଷୟରେ କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ । ଯଦି ରୁଷ ଏହାକୁ ନିଜ ଅକ୍ତିଆରରେ ରଖେ, ତେବେ ୟୁକ୍ରେନର ଅର୍ଥନୀତି ଏବଂ ଶକ୍ତି କ୍ଷେତ୍ର ଦୁର୍ବଳ ହୋଇପଡ଼ିବ । ଏହାବ୍ୟତୀତ, ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଏହି ବୁଝାମଣାରେ ପ୍ରତିଫଳିତ ହୋଇଛି । ସେ ଯୁଦ୍ଧକୁ ଶୀଘ୍ର ଶେଷ କରିବାକୁ ଚାହୁଁଛନ୍ତି, ଯାହାଦ୍ୱାରା ଆମେରିକାର ଆର୍ଥିକ ବୋଝ କମିବ ଏବଂ ସେ ଘରୋଇ ସମସ୍ୟା ଉପରେ ଧ୍ୟାନ ଦେଇପାରିବେ । ତେଣୁ ସେ ୟୁକ୍ରେନ ଉପରେ ବୁଝାମଣା ପାଇଁ ଚାପ ପ୍ରୟୋଗ କରୁଥିବା ଅନୁମାନ କରାଯାଏ । ଏହି ପରିପ୍ରେକ୍ଷୀରେ, ୟୁକ୍ରେନ ପାଇଁ ବିକଳ୍ପ ସୀମିତ । ଆମେରିକାର ସାହାଯ୍ୟ ବିନା ଯୁଦ୍ଧ ଜାରି ରଖିବା ଅସମ୍ଭବ, କିନ୍ତୁ ଏକ ଅସମ୍ମାନଜନକ ଶାନ୍ତି ଚୁକ୍ତି ଗ୍ରହଣ କରିବା ମଧ୍ୟ କଷ୍ଟକର । ରୁଷର ଦୃଷ୍ଟିକୋଣରୁ ଦେଖିଲେ, ପୁଟିନ୍ ବର୍ତ୍ତମାନ ଯୁଦ୍ଧକ୍ଷେତ୍ରରେ ଏକ ସୁବିଧାଜନକ ସ୍ଥିତିରେ ଅଛନ୍ତି । ୟୁକ୍ରେନର ସାମରିକ ଶକ୍ତି କ୍ଷୟ ହେବା ଏବଂ ପାଶ୍ଚାତ୍ୟ ଦେଶମାନଙ୍କରେ ଯୁଦ୍ଧକୁ ନେଇ ବଢୁଥିବା ଅସନ୍ତୋଷ ରୁଷକୁ ଉତ୍ସାହିତ କରିଛି । ଯଦି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହେଉଥିବା ଚୁକ୍ତିରେ ୟୁକ୍ରେନ ନାଟୋରେ ସାମିଲ ନ ହେବା ପାଇଁ ରାଜି ହୁଏ, ତେବେ ଏହା ପୁଟିନ୍ ?ଙ୍କ ପାଇଁ ଏକ ବଡ଼ ବିଜୟ ହେବ । କାରଣ ଯୁଦ୍ଧ ଆରମ୍ଭରୁ ହିଁ ରୁଷର ମୁଖ୍ୟ ଦାବି ଥିଲା ଯେ ୟୁକ୍ରେନ କେବେବି ନାଟୋର ସଦସ୍ୟ ହେବ ନାହିଁ । କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏହି ଶାନ୍ତି ଚୁକ୍ତି କ'ଣ ବାସ୍ତବରେ ସ୍ଥାୟୀ ହେବ ? ଯେଉଁ ସୁରକ୍ଷା ଗ୍ୟାରେଣ୍ଟି କଥା କୁହାଯାଉଛି, ଯଦି ଭବିଷ୍ୟତରେ ରୁଷ ତାହାକୁ ଉଲ୍ଲଂଘନ କରେ, ତେବେ ଆମେରିକା ପୁଣିଥରେ ୟୁକ୍ରେନକୁ ସାହାଯ୍ୟ କରିବାକୁ ଆସିବ କି ନାହିଁ ? ଅନ୍ୟପକ୍ଷରେ, ୟୁରୋପ ପାଇଁ ଏହି ଘଟଣାବଳୀ ଏକ ସତର୍କ ଘଣ୍ଟି ସଦୃଶ । ଆମେରିକା ଯଦି ୟୁରୋପୀୟ ସୁରକ୍ଷା ଦାୟିତ୍ୱରୁ ଧୀରେ ଧୀରେ ଓହରିଯାଏ, ତେବେ ୟୁରୋପକୁ ନିଜର ସୁରକ୍ଷା ପାଇଁ ନିଜେ ପ୍ରସ୍ତୁତ ହେବାକୁ ପଡ଼ିବ । ୨୦୨୬ ଜାନୁଆରୀରେ ପ୍ୟାରିସରେ ହେବାକୁ ଥିବା ବୈଠକରେ ୟୁରୋପୀୟ ଦେଶମାନେ ଏକ ବହୁରାଷ୍ଟ୍ରୀୟ ସୁରକ୍ଷା ବାହିନୀ ଗଠନ କରିବା ନେଇ ଆଲୋଚନା କରିବେ ବୋଲି ଶୁଣାଯାଉଛି । କିନ୍ତୁ ଆମେରିକାର ସକ୍ରିୟ ସହଯୋଗ ବିନା ୟୁରୋପ ଏକାକୀ ରୁଷକୁ ମୁକାବିଲା କରିବା କେତେଦୂର ସମ୍ଭବ ହେବ, ତାହା ଏକ ବଡ଼ ପ୍ରଶ୍ନ । ଜର୍ମାନୀ ଏବଂ ଫ୍ରାନ୍ସର ଅର୍ଥନୈତିକ ଅବସ୍ଥା ମଧ୍ୟ ଏତେଟା ସୁଦୃଢ଼ ନୁହେଁ ଯେ ସେମାନେ ଏକ ଦୀର୍ଘମିଆଦି ଯୁଦ୍ଧର ଭାର ବହନ କରିପାରିବେ। ତେଣୁ ଟ୍ରମ୍ପଙ୍କ ନିଷ୍ପତ୍ତି କେବଳ ୟୁକ୍ରେନ ନୁହେଁ, ବରଂ ସମଗ୍ର ନାଟୋ ମେଣ୍ଟର ଭବିଷ୍ୟତକୁ ପ୍ରଭାବିତ କରିବ ।

ପରିଶେଷରେ, ଜେଲେନସ୍କି ଏବଂ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଏହି ବୁଝାମଣା ୟୁକ୍ରେନ ପାଇଁ ଏକ ମିଶ୍ରିତ ଫଳାଫଳ ଆଣିଛି । ଗୋଟିଏ ପଟେ ଯୁଦ୍ଧ ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି, ଯାହା ଦେଶର ଧ୍ୱଂସଲୀଳାକୁ ରୋକିବ ଏବଂ ହଜାର ହଜାର ନିରୀହ ଜୀବନ ବଞ୍ଚାଇବ । ଅନ୍ୟ ପଟେ, ନିଜର ଭୂଖଣ୍ଡ ହରାଇବା ଏବଂ ନାଟୋ ସଦସ୍ୟତାରୁ ବଞ୍ଚିତ ହେବା ୟୁକ୍ରେନର ସାର୍ବଭୌମତ୍ୱ ପାଇଁ ଏକ ଶକ୍ତ ଧକ୍କା ହୋଇପାରେ । ଏହା ଏକ ପ୍ରକାର ତିକ୍ତ ବାସ୍ତବତା ଯାହାକୁ ଜେଲେନସ୍କିଙ୍କୁ ଗ୍ରହଣ କରିବାକୁ ପଡ଼ିପାରେ । ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଯଦିଓ ଏକ ଆଶ୍ୱାସନା, କିନ୍ତୁ ଏହା ନାଟୋର ଧାରା-୫ ପରି ଶକ୍ତିଶାଳୀ ନୁହେଁ । ଆଗାମୀ ଦିନରେ ୟୁକ୍ରେନର ଜନସାଧାରଣ ଏହି ବୁଝାମଣାକୁ କିପରି ଗ୍ରହଣ କରୁଛନ୍ତି ଏବଂ ରୁଷ ଏଥିରେ କେତେଦୂର ସହଯୋଗ କରୁଛି, ତାହା ଉପରେ ଏହି ଯୁଦ୍ଧର ଭବିଷ୍ୟତ ନିର୍ଭର କରୁଛି ।

## ଅଭାଷଣ ନୀରବ ନୁହଁନ୍ତି



**ଅଜୟ କୁମାର ବେହେରା**

ମୌନୀ ମାନେ ଭାଷଣ କେବେ ଦିଅନ୍ତି ନାହିଁ ହେଲେ କାଗଜ କଲମ, ବା ସ୍ଲେଟ ଖଡ଼ିରେ ଲେଖି ଆଗନ୍ତୁକ ପୃଚ୍ଛକଙ୍କ ପ୍ରଶ୍ନର ଉତ୍ତର ଲେଖି ଦିଅନ୍ତି। ପୁଣି ତାଙ୍କର ନିଜର ଆବଶ୍ୟକ ଦ୍ରବ୍ୟ ଉଦ୍ଦେଶ୍ୟ ସେହିପରି ଲେଖି ଜଣାନ୍ତି। ପୂର୍ବେ ଲେଖନୀ ଲୁହାର ଥିଲା। ଏହା ସହ ଗୋଟାଳି, କୋଚିଲା ଖଡ଼ିରେ ଲେଖାଯାଉଥିଲା। ତାହା ମୌନୀ ମାନେ ବ୍ୟବହାର କରୁଥିଲେ। ଗୋଟାଳିରେ ଖଡ଼ି ପକାଯାଉଥିଲା। ନବଜାତକଙ୍କର ଟିପଣା ଲେଖା ଆରମ୍ଭ ଗୋଟାଳିରେ କରାଯାଉଥିଲା। ଏ ସମୟରେ ଡଅଟ କଲମ ଦ୍ୱାରା କାଗଜରେ ତାହା ଲେଖାଯାଉଛି, ପ୍ରଥମେ ସ୍ଥୂଳ ଫଳର ଚିନ୍ତନ ତାପରେ ବିଭିନ୍ନ ବିଶେଷ ବିଶେଷ ତଥ୍ୟ ଜାଣିବା ପାଇଁ ଅନେକ ପ୍ରକାର ଚକ୍ରର ଆଶ୍ରୟ ନିଆଯାଏ। ବହୁ ତଥ୍ୟ ସେହି ନୀରବ ଚକ୍ରରେ ଉଙ୍କି ମାରୁଥାଏ। ସେମାନେ ଅଭାଷଣ ମାତ୍ର ସେମାନେ ସେ ଲେଖାରେ ସାଙ୍କେତିକ ଅସଂଖ୍ୟ ସୂଚନା ଦେଉଥାନ୍ତି।

ହେଇ ଦେଖନ୍ତୁ ୨୦୨୬ ମସିହାର ପ୍ରବେଶ କାଳର ଟିପଣା ସ୍ଥୂଳରେ ବିଶ୍ୱସାରା ଏକାଗ୍ରହ ଭାରତ ପାଇଁ ଏକ ଲଗ୍ନ ସ୍ଥିତି, ମାତ୍ର କେବଳ ଲଗ୍ନ ସ୍ଥିତି ଏକ ରାଶିରେ ରହି ବିଭିନ୍ନ ରାଜ୍ୟ ଓ ଭାରତର ରାଜଧାନୀ ନୂଆଦିଲ୍ଲୀ ପାଇଁ ଅଲଗା ଅଂଶ ହୋଇଯାଉଛି ଆମେରିକାର ରାଜଧାନୀ ପାଇଁ ଚନ୍ଦ୍ର ସ୍ଫୁଟ ବଦଳି ଆଗ ନକ୍ଷତ୍ର ହୋଇଯାଉଛି। ଅଗ୍ନୀ ଅଧିକାର ନକ୍ଷତ୍ର କୃତ୍ତିକା, ଋକ ବେଦର ଆଦିମନ୍ତ୍ର ଅଗ୍ନିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଗ୍ନିକୁମାର କାର୍ତ୍ତିକ ଏକ ନକ୍ଷତ୍ରରେ ଜନ୍ମ। ଷଡ଼କୃତ୍ତିକା ତାଙ୍କର ଲାଳନ କରିଥିଲେ। ଆଦ୍ୟ ଅକ୍ଷର ଅ, ଆ ଏଇ ନକ୍ଷତ୍ରରେ ହିଁ ସ୍ଥାନ ପାଇଛି ଖାଲି ଏତିକି ନୁହେଁ, ପରପର ସମସ୍ତ ସ୍ୱର ବର୍ଣ୍ଣର ଅନ୍ୟ ଅକ୍ଷର ଇ, ଉ, ଏ ଓ ହ୍ରସ୍ୱ ଓ ଦୀର୍ଘ ସ୍ୱର ସ୍ତରରେ କୃତ୍ତିକା ରୋହିଣୀ ମଧ୍ୟରେ ଅଛନ୍ତି। ସ୍ୱରବର୍ଣ୍ଣ ବିନା ବ୍ୟଞ୍ଜନ ବର୍ଣ୍ଣ ଉଚ୍ଚାରିତ ହୋଇନପାରେ। ଅତଏବ ଅତି ଗୁରୁତ୍ୱପୂର୍ଣ୍ଣ ଏହି ନକ୍ଷତ୍ର, ଦେବ ସେନାପତି କାର୍ତ୍ତିକଙ୍କ ପାଇଁ ପରମଯୋଗୀଙ୍କ ସହ ପରମା ଯୁବତୀ ରାଜ କୁମାରୀଙ୍କ ମିଳନ ଘଟିଥିଲା, ତ୍ରିପୁରା ଅସୁର, ବିନାଶ ଯାହା ତତ୍କାଳୀନ ଆବଶ୍ୟକ ଥିଲା। ତ୍ରିପୁରା ମାନେ କ'ଣ ? ଏହା ଖୋଜ କଲେ ବୁଝାପଡ଼ିବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏଇତ ତ୍ରିପୁର। ଅନ୍ତରୀକ୍ଷ ପୃଥିବୀର ମାଟି, ଆଉ ସମୁଦ୍ରର ଜଳ, ଏହି ତିନି ଏ ବି ତ୍ରିପୁର। ମର୍ତ୍ତ୍ୟମାନେ ମୃତ୍ୟୁ ଲୋକ ଯେଉଁଠି ମୃତ୍ୟୁ ଅଛି। ଯେ ଜନ୍ମ ତାର ମୃତ୍ୟୁ ହେବ ହିଁ ହେବ। ଏହିତିନ ଏବେ ଭୁଜ ଦର୍ପଙ୍କର ଦଖଲ ଉଦ୍ୟମ। ଅଯଥା ଅକାଳମୃତ୍ୟୁ ଯୁବକ ମାନଙ୍କର ସଂସାରେ ରଟଣା ଏହି ତ୍ରିପୁର ଅଧିକାରୀଙ୍କ ଚିନ୍ତା ଲାଗୁ ହୋଇ ବହୁ ଆଗରୁ ଆସିଗଲାଣି। ହେଲେ ନବ୍ୟ ଦେବସେନା ପଡ଼ି ଆସିବା ପ୍ରତୀକ୍ଷା ବଡ଼ ଯୁଦ୍ଧ ସୂଚନା ଦେଲେ ବି ସଂସାର ଆଗକୁ ସାର୍ବଜନୀନ ସମ୍ବିଧାନ କାନୁନରେ ଚାଲିବ ଜଣାପଡୁଛି, ଗ୍ରହସ୍ଥିତିର ଉଦଘୋଷ ବୃଷରେ ଚନ୍ଦ୍ର, ମିଥୁନରେ ବୃହସ୍ପତି, ସିଂହରେ କେତୁ, କନ୍ୟାରେ ଲଗ୍ନ, ଧନୁରେ ରବି, ମଙ୍ଗଳ, ବୁଧ, ଶୁକ୍ର, କୁମ୍ଭରେ ରାହୁ, ମୀନରେ ଶନି, ଦ୍ୱାତ୍ରିଂକ କନ୍ୟରେ ଲଗ୍ନ, ଧନୁରେ ୪ ଗ୍ରହ ମୀନରେ ଶନି ଏକ ଗ୍ରହ ଓ ମିଥୁନରେ ବୃହସ୍ପତି ଅଛନ୍ତି। ହଁ ନାହିଁ, ମରାମରି (ଭୁଲ ଏବଂ ଠିକ) ଯୁଦ୍ଧ ଭାବରେ ସବୁ ଗ୍ରହ। ଆମର ଓଡ଼ିଆ ଲୋକରେ ଏକ କଥା ଅଛି ଅଶରଣ ବେଳେ ଭଉଣୀ ଜ୍ୱାଇଁ ସ୍ୱାମୀ ଯାହା ପରିସ୍ଥିତି ସେପରି କରାଇବାକୁ ବଡ଼ ମୁଣ୍ଡିଆଙ୍କୁ ବାଧ କରିବ, ଧନୁ ମାଳିକ ମିଥୁନ, ମିଥୁନ ମାଳିକ ଧନୁରେ ଏସନ ଆରମ୍ଭ ଦିନରୁ ରହିଛନ୍ତି ଏମାନେ ଉଗ୍ର କ୍ରୁର ଗ୍ରହଙ୍କ କେନ୍ଦ୍ରରେ ପୁଣି ବିପତ୍ତି ରାହୁଙ୍କ ଦୃଷ୍ଟି ବୃହସ୍ପତିଙ୍କ ଉପରେ, ବୃହସ୍ପତି ଏ ଲଗ୍ନର ୪ ର୍ଥ ଓ ୭ମ ପତି, ଏହା ଉପରେ ରାହୁଦୃଷ୍ଟି ଅର୍ଥ ବିଦେଶୀ କାନୁନରେ ଏପରି ଗୁପ୍ତ ଅଭିସନ୍ଧି, ବାଣିଜ୍ୟିକ, ନିୟମ ଲାଗିବ ଯାହା ଦେଶର ଜନତାଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ପରି ଲାଗିବ।

ଅଗ୍ନି ରାଶି ସିଂହ ଓ ଧନୁ ଏଥିରେ ବହୁଗ୍ରହ। ମୁଁ କାର କର୍ଣ୍ଣଧାରଙ୍କ ବ୍ୟାପକ ହେବ ରବି ମଙ୍ଗଳ ଯୋଡ଼ି ଅଗ୍ନି ରାଶିରେ ତଥା କେତୁ ଅଗ୍ନିରାଶିରେ ଦଣ୍ଡ ଭେବ ନିତି ରାଜ ପ୍ରଭାବରେ ଉତ୍କଟ ହେବ କପଟକୁ ପଶା ପକାଇବାରେ ବଣିକରାଜମାନେ ନୂଆ ନୂଆ ପ୍ରଚାରରେ ଲୋକଙ୍କୁ ଯୁଆରେ ପକାଇବେ। ପୃଥ୍ୱୀ ରାଶିରେ ଲଗ୍ନ ଓ ଚନ୍ଦ୍ର ଏପରିକି ଦୁଇ ରାଶି ମାଲିକ ବୁଧ ଶୁକ୍ର ଶନିଦୃଷ୍ଟିରେ ଫସଲ ଉତ୍ପାଦନ ଯାହା ହେଉ ଦରଦାମ ବଢ଼ିବ ସପ୍ତମ ଶନି ରପ୍ତାନି ହ୍ରାସ କରାଇବା ସହ ବିଦେଶୀ ପଣ୍ୟ ଆମଦାନୀ ବଢ଼ାଇବ। ଚାଷ ଜମିରେ ଅଦିନିଆ ବର୍ଷା ଫସଲ ହାନି କରାଇବ। ଜଳ ଗ୍ରହ ଚନ୍ଦ୍ର, ଶୁକ, ଶନି ଦୃଷ୍ଟିରେ ଜଳ ଭଣ୍ଡାର ରାଶି ମୀନ ଏଠାରେ ଶନିଉପସ୍ଥିତି ପ୍ରତିଜଳ ଭଣ୍ଡାରର ପ୍ରତି ଦୃଷ୍ଟି ଶକ୍ତିର କୁନଜର ଅଛି, ଜଳ ସରବରାହରେ ପ୍ରତିବନ୍ଧକ ଲାଗିବ, ବହୁତ ବର୍ଷ ପରେ କୁମ୍ଭ ରାଶିରେ ସ୍ୱ ମୂଳ ତ୍ରିକୋଣ ରାଶିରେ ରାଶିପତି ଶନି ସହ ବନ୍ଧୁତା ରଖି ବଳବାନ ଗୁପ୍ତ ରାଶି କୁମ୍ଭ ରାଶି ଏହାପୁଣି ଖଣିର ରାଶି ଖଣିଜ ତେଲ ବ୍ୟବସାୟୀ ଦେଶ ଗୁପ୍ତ ମନ୍ତ୍ରଣାରେ କୃତ୍ରିମ ଅଭାବ ସୃଷ୍ଟି କରିବେ। ତେଲଦାର ବଢ଼ିବ, ଶକ୍ତି ସଙ୍କଟ ରବିମଙ୍ଗଳ ପ୍ରତି ଶନିଦୃଷ୍ଟି ଯୋଗୁ ଘଟିବ। ବୈଦେଶିକ ନୀତିରେ ବହୁସ୍ତରରେ ପରିବର୍ତ୍ତନ ହେବ, ଶୁକ୍ର ଦିଗବଳୀ ଚନ୍ଦ୍ର ବୃଷରେ ସ୍ଥାନବଳୀ ମାତ୍ର ଶନି ଦୃଷ୍ଟିରେ ଦୁଇଜଣ ଯାକ ଅଛନ୍ତି ଆମ ଦେଶ ଅର୍ଥନୀତି ଉପରେ ବିଦେଶୀ ଚାପ ପଡ଼ିବ। ଦେଶରେ ଦରଦାମ ବଢ଼ିବ, ପର୍ବ ଭୂଖଣ୍ଡ ଭାରତ ବର୍ଷର ଧନୁ ସିଂହସ୍ଥ ଅଗ୍ନି ରାଶିସ୍ଥ ଗ୍ରହଙ୍କ ଯୋଗୁ ପୁଣି ରାଶିପତି ବୁଧ ଅଗ୍ନି ରାଶିରେ ୫ମ ଓ ୬ଷ୍ଠ ପତି ଦୃଷ୍ଟିରେ ଆସୁଥିବାରୁ ବଙ୍ଗୋପସାଗର ପଟ ଅତି ଜରୁରୀ ଚୌକ ଲଗାଇ ନିରାପଦ ରଖାଯିବା ଜରୁରୀ। ଆଲୋକ ପଟରେ ସବୁଗ୍ରହ ଶେଷରେ ଏକମାତ୍ର ବୃହସ୍ପତି। ପାପକ୍ରୁର ଶନିମଙ୍ଗଳ ଦିବା ଆଲୋକ ପଟରେ କେତୁ ଗୁରୁ ଚନ୍ଦ୍ରଙ୍କ ଆଲୋକ ପଟରେ, ଲୁଚି ଛପି ଅଘଟଣ ଧନ ଲୁଟ ବଢ଼ିବ, ମୁଦ୍ରା ନୂଆ ବାହାରିବା ସୂଚନା ମିଳୁଛି ସୁନା ଦର ଆହୁରି ବଢ଼ିବ। ବହୁଜନ କ୍ଷୟ ହେବେ, ସାଙ୍ଘାତିକ ରୋଗର ଔଷଧ ଜଣାପଡ଼ିବ। ଛାତ୍ର ଗଣ୍ଡଗୋଳ ଦାସ ଦାସୀ ବୃତ୍ତିରେ ନିୟୋଗ ମାନେ ବିଦ୍ରୋହୀ ହେବେ। ବିଚାର ବିଭାଗର ନୂଆ କାନୁନ ଉଚ୍ଚ ରାଶି ଗମନ ଉଦ୍ୟମୀ ଶକ୍ତିଶାଳୀ ଦୁଇପୁରୁଷ ଗ୍ରହ ମଙ୍ଗଳ ଗୁରୁଙ୍କ ଯୋଗୁ ଲଗାଇବ। ନୂଆ ନେତା ଆସିବା ଉଚିତ। ପଞ୍ଚାୟତ ନିର୍ବାଚନରେ କାହାରି ମୁଣ୍ଡ ଯିବ, ଶକ୍ତିଶାଳୀ ବୋଲାଇବା ନେତାଙ୍କ ବଡ଼ପଣ ଦୋହଲିବ, ଆହୁରି ଅଛି ଅନ୍ୟ ଲେଖାରେ ଲେଖାଯିବ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,

ମୋ : ୯୪୩୭୦୩୧୨୫୩


## ଶ୍ରୀରମଣ ମହର୍ଷି

**ହେମନ୍ତ କୁମାର ପରିଡ଼ା**

ରମଣ ମହର୍ଷି ୧୮୨୯, ଡିସେମ୍ବର ୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟନାମ ଥିଲା 'ଭେଙ୍କଟରମଣ' । ସେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ। ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମାତ୍ର ୧୨ ବର୍ଷ ବୟସରୁ ସେ ତାଙ୍କ ଭାଇ ଓ ଭଉଣୀଙ୍କ ସହ ଦାଦାଙ୍କ ପାଖରେ ପରିପାଳିତ ହୋଇଥିଲେ । ପିଲାଦିନରୁ ସେ ଫୁଟବଲ୍, କୁସ୍ତି, ସନ୍ତରଣ ଆଦି ବ୍ୟାୟାମ ବେଶ୍ ଆଗ୍ରହ ରଖିଥିଲେ । ବାଲ୍ୟକାଳରୁ ସେ କୌଣସି ଧର୍ମ ପୁସ୍ତକ ପଢ଼ି ନଥିଲେ । ହେଲେ ସେ ନିଜ ଜୀବନୀ ପୁସ୍ତକରେ ଲେଖିଥିଲେ 'ଅପରିପକ୍ୱ ବୟସରେ ଅରୁଣାଚଳ ମୋର ମନକୁ ଆଷ୍ଟାର୍ଯ୍ୟାଭିଭୂତ କରିଦେଲା' । ସେ ଏହାର କିଛି ଅର୍ଥ ବୁଝିବା ପୂର୍ବରୁ ନିଜ ମନକୁ ନିଶ୍ଚଳ କରି ଦେଇଥିଲେ । ସେହିଦିନରୁ ତାଙ୍କ ମଧ୍ୟରେ ଚେତନାର ସ୍ରୋତ ପ୍ରବାହିତ ହେଲା । ୧୮୯୭, ଅଗଷ୍ଟ ୨୯ରେ ରମଣ ଗୃହ ତ୍ୟାଗ କଲେ । ତାଙ୍କ ପ୍ରଭୁ ଥିଲେ ଅରୁଣାଚଳ । ସେ ନିଜକୁ ପ୍ରଭୁ ଅରୁଣାଚଳଙ୍କୁ ସମର୍ପିତ କରିଥିଲେ ।

ଭାରତୀୟ ଆଧାତ୍ମିକ ସାଧନା କ୍ଷେତ୍ରରେ ରମଣ ମହର୍ଷି ଯେଉଁ ଗୁଢ଼ ତତ୍ତ୍ୱର ମାର୍ଗ ଦେଖାଇଛନ୍ତି ତାହା ଯୁଗ ଯୁଗ ପାଇଁ ଅମର। ଏକ ପ୍ରସଙ୍ଗରେ ଉଲ୍ଲେଖ ଅଛି ସେ ପରମ ପିତାଙ୍କ ସନ୍ଧାନରେ ଯାତ୍ରା କରିବା ପୂର୍ବରୁ ଯେଉଁ ଚିଠି ତାଙ୍କ ପରିବାର ପାଇଁ ଲେଖି ଯାଇଥିଲେ ତାହା ଥିଲା ''ମୁଁ ପରମପିତାଙ୍କ ସନ୍ଧାନରେ ତାଙ୍କର ନିର୍ଦ୍ଦେଶରେ ଯାତ୍ରା ଆରମ୍ଭ କରୁଛି। ତେଣୁ ଏହି କାର୍ଯ୍ୟ ନିମିତ୍ତ କେହି ଦୁଃଖ ନକରିବା ପାଇଁ ଓ ମତେ ସନ୍ଧାନ କରିବା ଉଦ୍ଦେଶ୍ୟରେ କିଛି ଅର୍ଥବ୍ୟୟ ନ କରିବା ନିମିତ୍ତ ମୁଁ ଅନୁରୋଧ କରୁଛି। କଲେଜ ଦରମା ଦିଆଯାଇ ନାହିଁ। ଏଥି ସହିତ ଦୁଇ ଟଙ୍କା ରହିଲା।'' ପଲ୍ ବ୍ରଣ୍ଟନ୍ ନାମକ ଜଣେ ପାଶ୍ଚାତ୍ୟ ସାମ୍ବାଦିକ, ସାହିତ୍ୟିକ ଓ ସମାଲୋଚକ ମହର୍ଷିଙ୍କୁ ଥରେ ପ୍ରଶ୍ନ କଲେ, ବର୍ତ୍ତମାନ ଏହି ସଭ୍ୟ ଜଗତ୍ ଦାରୁଣ ସନ୍ଧିକ୍ଷଣର ସମ୍ମୁଖୀନ ହୋଇଛି। ତେବେ ଏହାର ଭବିଷ୍ୟତ କ'ଣ ? ମହର୍ଷି ଉତ୍ତର ଦେଲେ, ଭବିଷ୍ୟତ ବିଷୟରେ ଚିନ୍ତା କରିବାର କି ଆବଶ୍ୟକତା ଅଛି ? ବର୍ତ୍ତମାନ ସମ୍ପର୍କରେ ତୁମର ଜ୍ଞାନ ବା କଅଣ ? ଭବିଷ୍ୟତର ଭାରତ ଭବିଷ୍ୟତ ଉପରେ ଛାଡ଼ିଦିଅ।

ସେହିଦିନ ଠାରୁ ଜୀବନର ଅନ୍ତିମ ଦିବସ ପର୍ଯ୍ୟନ୍ତ ସେ ମଦୁରାଇରେ ବାସ କଲେ । ମଦୁରାଇକୁ ଯାତ୍ରା କରିବାର ଛଅ ସପ୍ତାହ ପୂର୍ବରୁ ସେ ନିଜ ମାମୁଁଙ୍କ ଘରର ପ୍ରଥମ ମହଲାରେ ବସିଥିଲେ । ହଠାତ୍ ମନ ମଧ୍ୟରେ ମୃତ୍ୟୁର ଭୟ ଉଦ୍ରେକ ହେଲା ତାଙ୍କର । ସେ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ତାଙ୍କ ସହ ତାଙ୍କର କୌଣସି ବନ୍ଧୁ ପରିଜନ କି ଡାକ୍ତର ପରାମର୍ଶ କରୁନଥିଲେ । ଏହି ମୃତ୍ୟୁଭୟ ହିଁ ରମଣ ମହର୍ଷିଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କଲା । ଏହାପରେ ମହର୍ଷି ରମଣ ନିଜ ଜୀବନକୁ ସମ୍ପୂର୍ଣ୍ଣ ଧ୍ୟାନମଗ୍ନ ରହି ବିତାଇଥିଲେ । ଧ୍ୟାନ ହିଁ ତାଙ୍କ ଠାରେ ଚିରଶାନ୍ତି ଉଦ୍ରେକ କଲା । ସେ ଈଶ୍ୱରାଲୋକରେ ସଦା ଉଦ୍ଭାସିତ ହୋଇଥିଲେ । ସମଗ୍ର ବିଶ୍ୱ ତାଙ୍କ ନିକଟରେ ଏକ ଥିଲା । ସେ ଉପନିଷଦର ଜୀବନ୍ତ ପ୍ରତୀକ ଥିଲେ। ରମଣ ମୌନ ରହୁଥିଲେ ବି ମନୁଷ୍ୟମାନଙ୍କ ହୃଦୟକୁ ତାଙ୍କର ସନ୍ଦେଶ ପ୍ରେରଣ କରୁଥିଲେ । ତାଙ୍କର ବାଣୀ ଥିଲା 'ନିଜକୁ ଚିହ୍ନ' । ମହର୍ଷିଙ୍କ ବାମ ବାହୁରେ ଏକ ଦୂରାରୋଗ୍ୟ ଆବୁ ହୋଇଥିଲା । ଏହି ରୋଗରୁ ମୁକ୍ତି କରିବାକୁ ମହର୍ଷିଙ୍କୁ ଚାରିଥର ଅସ୍ତ୍ରୋପଚାର କରାଯାଇଥିଲା । ହେଲେ ୧୯୫୦, ଏପ୍ରିଲ ୧୪ରେ ଯେତେବେଳେ ଆକାଶରେ ଏକ ଉଲ୍‌କାର ଆବିର୍ଭାବ ହୋଇଥିଲା ସେତେବେଳେ ମହର୍ଷି ରମଣ ଏହି ପାର୍ଥୀବ ଜଗତରୁ ବିଦାୟ ନେଇଥିଲେ।


+ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ


## ଧର୍ମର ପ୍ରକୃତ ସ୍ୱଭାବ

**ଦିଲ୍ଲୀପ କୁମାର ମହାରଣା**

ଗୋଟିଏ ଖରାପ କାମ କରି ଯେପରି ଉତ୍ତମ ଫଳ ଆଶା କରାଯାଇ ନପାରେ, ସେହିପରି ଗୋଟିଏ ଉତ୍ତମ କାମ କରି ମନ୍ଦଫଳ ପାଇବାର ଆଶଙ୍କା କରିବା ଉଚିତ ନୁହେଁ। ଲେମ୍ବୁ ମଞ୍ଜି ପୋତି ଆମ୍ବଗଛ ଆଶା କରିପାରିବ କି ? ସବୁ ଧର୍ମ ଓ ସବୁ ରୂପର ସମ୍ପର୍କ ପରମାତ୍ମାଙ୍କ ସହିତ। ମଣିଷ ଯେତେ ସବୁ ମୂର୍ତ୍ତିପୂଜା କରେ, ସମସ୍ତଙ୍କ ମଧ୍ୟରେ ପରମାତ୍ମା ବିରାଜିତ। ଏ ସମଗ୍ର ସଂସାର ଭିତରେ ବହୁ ପ୍ରକାରର ଜୀବ ଅଛନ୍ତି। ମାତ୍ର ଏ ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ। ଆହାର ଓ ବିହାର ସବୁ ପ୍ରାଣୀଙ୍କ ମଧ୍ୟରେ ସାଧାରଣ ଗୁଣ, ମାତ୍ର ମନୁଷ୍ୟ ଠାରେ ଦୁଇଟି ବିଶେଷ ଗୁଣ ଅଛି। ସେ ଦୁଇଟି କେଲା ଧର୍ମ ଓ ଜ୍ଞାନ। ଏ ଦୁଇଟି ବିନା ମଣିଷ ପଶୁ ସହ ସମାନ। ସେଥିପାଇଁ ମଣିଷର କର୍ତ୍ତବ୍ୟ ହେଲା ଧର୍ମ କ'ଣ ତାହା ବୁଝିବା। ସାମାଜିକ ଓ ଆଧାତ୍ମିକ ପ୍ରଗତି ନିମନ୍ତେ ଧର୍ମ ମନୁଷ୍ୟକୁ କିଛି ନିର୍ଦ୍ଦିଷ୍ଟ ଆଚରଣ ବିଧି ଶିଖାଏ, କିଛି ନିର୍ଦ୍ଦିଷ୍ଟ ବିଧି ନିଷେଧ ବଢ଼ାଏ। ଯେଉଁମାନେ ଧର୍ମର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ଧର୍ମ ସେମାନଙ୍କର ଅନିଷ୍ଟ କରିବାକୁ ମଧ୍ୟ ସମର୍ଥ। ସେହିପରି ଯେଉଁମାନେ ଧର୍ମ ମାର୍ଗରେ ଜୀବନ କଟାନ୍ତି ଧର୍ମ ସେମାନଙ୍କର ରକ୍ଷା କରିବାକୁ ସମର୍ଥ। ଧର୍ମର ଆଉ ଗୋଟିଏ ମହତ ଗୁଣ ହେଲା, ଧର୍ମ ଯେଉଁଠି ବିଜୟ ସେଇଠି ଥାଏ। ଏ ଦେଶରେ ବହୁ ପଣ୍ଡିତ ବିଦ୍ୱାନ ଲୋକ ଧର୍ମ ଶବ୍ଦଟିର ଅନେକ ବ୍ୟାଖ୍ୟା କରିଛନ୍ତି। ଯୁଗ ଯୁଗ ଧରି ଏ ଦେଶ ଧର୍ମର ରଜ୍ଜୁ ଦ୍ୱାରା ଏପରି ବନ୍ଧା ହୋଇ ରହିଛି ଯେ, ଧର୍ମ ସମ୍ବନ୍ଧରେ ଏ ଦେଶ ଅନ୍ୟ ସବୁ ଦେଶର ଆଦର୍ଶ ଭାବରେ ଠିଆ ହୋଇ ରହିଛି। ବହୁ ଅର୍ଥ ଯୁକ୍ତ ଏହି ଶବ୍ଦଟିକୁ ଆଜିକାଲି କେବଳ ଗୋଟିଏ ଶବ୍ଦରେ ବର୍ଣ୍ଣନା କରାଯାଉଛି ତାହା ହେଲା କର୍ତ୍ତବ୍ୟ। ମାତ୍ର ଧର୍ମ ଅର୍ଥ କର୍ତ୍ତବ୍ୟ ନୁହେଁ। କର୍ତ୍ତବ୍ୟ ଜଣେ ବ୍ୟକ୍ତି ଗୋଟିଏ ଅବସ୍ଥା, ଗୋଟିଏ ଦେଶ ବା କାଳ ସହିତ ସଂପୃକ୍ତ। ମାତ୍ର ଧର୍ମ ଅନାଦି, ଅନନ୍ତ, ଏହାସବୁ ପ୍ରାଣୀଙ୍କ ପାଇଁ ସର୍ବତ୍ର ସମାନ। ଏହା ଅନ୍ତରାତ୍ମାର ତାତ୍ପର୍ଯ୍ୟ ବହନ କରେ। ଧର୍ମର ଜନ୍ମସ୍ଥାନ ହୃଦୟ। ହୃଦୟରୁ ନିର୍ଗତ ନିର୍ମଳ ଭାବନାଟିଏ କର୍ମରେ ରୂପାନ୍ତରିତ ହେଲେ ତାହା ଧର୍ମର ନାମ ବହନ କରେ। ତୁମ୍ଭେମାନେ ବୁଝିଲା ଭଳି କହିଲେ, ଧର୍ମ ହେଲା, ଅନ୍ୟମାନଙ୍କ ଠାରୁ ତୁମେ ଯେପରି ବ୍ୟବହାର ଆଶା କରୁଛ, ସେମାନଙ୍କୁ ସେହିପରି ବ୍ୟବହାର ଦେଖାଅ। ଅନ୍ୟମାନଙ୍କୁ କଷ୍ଟ ହେଲାଭଳି କର୍ମ ନକରିବା ହିଁ ଧର୍ମ। ଅନ୍ୟ କିଏ ତୁମ ସୁଖ ଦେଲେ ତୁମେ ମଧ୍ୟ ଏପରି କର୍ମ କରିବା ଉଚିତ ଯାହା ତାକୁ ସୁଖ ପ୍ରଦାନ କରିବ। ଅନ୍ୟମାନେ ତୁମର ଦୁଃଖ କଷ୍ଟର କାରଣ ହେଲେ ତୁମେ ବି ସେମାନଙ୍କ ଦୁଃଖ-କଷ୍ଟର କାରଣ ହେବା ଅଧର୍ମ। ବେଳେ ବେଳେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦୁଷ୍କର୍ମ କରୁଥିବା ଲୋକଙ୍କୁ କଠୋର ଭାବରେ ତିରସ୍କାର କରିବାକୁ ପଡ଼େ ତାର ସଂସ୍କାର ନିମନ୍ତେ। ବେଳେବେଳେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛୁରୀ ବ୍ୟବହାର କରୁଥିବା ଲୋକ ଅତ୍ୟନ୍ତ କ୍ରୁର ଏବଂ ଅଧର୍ମୀ ବୋଲି କୁହାଯାଇ ପାରିବ ନାହିଁ। ଜଣେ ସର୍ଜନ ହୃଦରୋଗୀକୁ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଛୁରୀ ବ୍ୟବହାର କରିଥାଏ। ଏହା କ୍ରୁରତାର ଚିହ୍ନ, ନା ମିତ୍ରତାର ଚିହ୍ନ ? କିଛି ଅସତ୍ୟ କାମ କଲେ ତାହା ଅଧର୍ମ ହେବ, ମାତ୍ର ଯାହା ପ୍ରେମର ସହ କରାଯାଏ ତାହା ଅଧର୍ମ ନୁହେଁ। ସମଗ୍ର ଆଇନ ବ୍ୟବସ୍ଥା, ନୀତି ବ୍ୟବସ୍ଥା ପ୍ରେମ ଉପରେ ଆଧାରିତ। ଉଦାହରଣ ସ୍ୱରୂପ ପିଲାଟିଏ ଯଦି ଦୁଷ୍କର୍ମ କରେ, ଆଉ ତାର ମାଆ ସେଥିପାଇଁ ତାକୁ ପିଟେ, ଏହାକୁ କଣ କ୍ରୁରତା ଓ ଅଧର୍ମ କହିବ ? ଧର୍ମ ଅନେକ ପ୍ରକାରର। କାଳଧର୍ମ, ସଂସାର ଧର୍ମ, ହୃଦୟ ଧର୍ମ, ଗୋଷ୍ଠୀଧର୍ମ, ଆଦି ନାନା ରକମର ଧର୍ମ ଅଛି। ଏସବୁ ଧର୍ମର ସମାହାର ହେଉଛି ସନାତନ ଧର୍ମ। ଏହି ଦୃଷ୍ଟିରୁ କହିବା ସମ୍ଭବ ଯେ ସବୁ ଧର୍ମ ଓ ସବୁ ରୂପ ପରମେଶ୍ୱରଙ୍କର। କୌଣସି ଧର୍ମ ତୁମକୁ ପିତାମାତାଙ୍କୁ ଅଶ୍ରଦ୍ଧା କରିବା, ଶିକ୍ଷକଙ୍କର ଅସମ୍ମାନ କରିବା ଶିଖାଏ ନାହିଁ। କୌଣସି ଧର୍ମ ମଣିଷକୁ ମିଛ କହିବା ଶିଖାଏ ନାହିଁ। ସବୁ ଧର୍ମ ମଧ୍ୟରେ ସମାନ କିଛି ସାଧାରଣ ଉପଦେଶ ରହିଛି, ଯାହା ସମସ୍ତଙ୍କ ପାଇଁ ଭଲ। କିନ୍ତୁ ବର୍ତ୍ତମାନ ଏହି ସାଧାରଣ ସତ୍ୟକୁ ଲୋକେ ଉପେକ୍ଷା କରି କୌଣସି ଧର୍ମରେ ନଥିବା ନୀତି ପ୍ରତି ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଅଧର୍ମର ପ୍ରାଦୁର୍ଭାବ ଏତେ ବଢ଼ିଯାଇଛି। ଯଦି ଆପଣା ଧର୍ମରେ ଦୃଢ଼ ବିଶ୍ୱାସ ରଖି ଲୋକେ ଆପଣା ଧର୍ମ ପାଳନ କରିବାରେ ମନ ଦିଅନ୍ତେ। ତେବେ ଏତେ ବାଦ ବିସମ୍ବାଦ ଜାତ ହୁଅନ୍ତା ନାହିଁ, କିମ୍ବା ଲୋକେ ଏପରି ଅସଭ୍ୟ ଆଚରଣ ଦେଖାନ୍ତେ ନାହିଁ। ଆପଣା ଧର୍ମରେ ବିଶ୍ୱାସ ଅଛି ବୋଲି ଚିତ୍କାର କରି ଯଦି ତୁମେ ଧର୍ମ ବିରୁଦ୍ଧ ଆଚରଣ କରିବ ତେବେ ଅନ୍ୟାନ୍ୟ ଧର୍ମରେ ତୁମର କି ବିଶ୍ୱାସ ରହିବ ତାହା ବୁଜିବାକୁ ଆଉ ବାକି ରହିବ ନାହିଁ। ଧର୍ମରେ ଯଦି ପ୍ରକୃତ ବିଶ୍ୱାସ ଅଛି, ତେବେ ଧର୍ମ ବିରୁଦ୍ଧ ଆଚରଣ କରିବ କିପରି ? ମୁହଁର କଥା ଓ ଆଚରଣ ମଧ୍ୟରେ ବିରୋଧ ରହିବା ଅର୍ଥ ଧର୍ମକୁ କେବଳ ଗୋଟାଏ ଗୋପାଳ ବୋଲି ଯାହାସବୁ କହନ୍ତି ସେ ସବୁ କେବଳ ମୁହଁର କଥା, ହୃଦୟ ଭିତରେ ଏଥିରୁ ଏତେ ଟିକେ ବି ନାହିଁ। ତୀର୍ଥକ୍ଷେତ୍ରକୁ ଗଲେ ମନ୍ଦିର ବା ଉପାସନା କ୍ଷେତ୍ରକୁ ଗଲେ ଲୋକେ ଯେତେ ଭକ୍ତି ଓ ବିଶ୍ୱାସ ଦେଖାନ୍ତି ସେ ସବୁ ସେଠାରୁ ଫେରି ଆସିଲାବେଳେ ସେଠାରେ ହିଁ ଛାଡ଼ି ଦେଇ ଆସନ୍ତି। ଏମାନଙ୍କ ପାଇଁ ଗୀତାରେ ଗୋଟିଏ ଉପଦେଶ ଅଛି ସତତଂ ଯୋଗିନଃ ଅର୍ଥାତ୍ ନିରନ୍ତର ଯୋଗସ୍ଥ ହୋଇ ରହ, ଭକ୍ତର ଭକ୍ତି ସତତ ରହୁ। ପୂଜା, ଜପ କଲାବେଳେ କେବଳ ଭକ୍ତି, ଅନ୍ୟ ସମୟରେ ସେ ସବୁ କିଛି ନାହିଁ। ସଦଗୁଣ ଓ ସଦାଚାର କେବଳ ଗୋଟିଏ ସମୟ ବା ସ୍ଥାନ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ, ଏହା ସାରା ଜୀବନରେ ନିରନ୍ତର ଅଭ୍ୟାସ କରିବା ଉଚିତ।


+ଶିଖରପୁର ଉପରସାହି, କଟକ, ମୋ : ୮୨୮୦୯୬୩୨୮୩





## ବିଭୋର ବେଳ

**ଶୁଭସ୍ମିତା ତ୍ରିପାଠୀ**

ଥାକ ଥାକ ହେଇ ଜହ୍ନିପତ୍ରରେ
ସଜେଇ ହେଇଗଲା ବେଳେ
ଜହ୍ନ ଆଲୁଅ ମାନେ
ମନେ ନଥିଲା ଜହ୍ନର,
କି ଜହ୍ନିଲତାର
ଜହ୍ନ ଦିନେ ଖଣ୍ଡଖଣ୍ଡ ହେଇ ଭାଙ୍ଗୁଥିବ
କି ଝରା ପଣତ ଖଣ୍ଡେ ହେଇ
ପୃଥିବୀ ଉପରେ
ଝରି ପଡିବ ଜହ୍ନିପତ୍ର !
ଏମିତି ଗୋଟେ
କିଛି ନ ବୁଝି ହେଲାଭଳି ସମୟରେ
ମୁଁ ଝର୍କା ଖୋଲିଥିଲି ଯେ,ଦେଖିଲି
ଝରା ପତ୍ରମାନଙ୍କୁ ପିଠିକରି
ଶୋଇଗଲା ଆକାଶ,
ମୋହ ଶୂନ୍ୟତାର ସାଂଜୁ ପିନ୍ଧି
ମୁହଁ ଫେରେଇନେଲେ ତାରା,
ବଢିଗଲା ଭଅଁର ମାନଙ୍କର ବୟସ,
ଅଳ୍ପ କିଛି ସରିଯାଇ ନିଜ ଭିତରେ
ଜହ୍ନ ବତୁରିଗଲା ବେଳେ କଇଁବନ୍ଧରେ
ଥର ଥର ଫୁଲ ଭର୍ତ୍ତି ଜହ୍ନ ପାଗଳୀ ଲତା
ନିଜକୁ ଆହୁରି ମଡ଼େଇ ଚାଲିଲା
ସେଇ ସେ ପୁରୁଣା କଣ୍ଟାବାଡ଼ରେ !
ସେଇ କଣ୍ଟାବାଡ଼ ଠି
ଅଜସ୍ର ଓଦାପଣରେ
ଓଜନିଆ ହେଉଥିବା ରାତି,
ଅନେକ ପ୍ରଜାପତିଙ୍କ ଗପକୁ
ସତ କରୁଥିବା ସକାଳ,
ତମାମ୍ ରାତି ପଢି ବସୁଥିଲେ



ମେଘ ତଣ୍ଟିର ଶୋଷ
କି ଉଚ୍ଚ ଆକାଶକୁ ଛାଡି ପାରୁନଥିବା
ପକ୍ଷୀମନର ଆକାଶେ ଅବସୋସ
ସେଇଠି, ସେଇ ସେ କଣ୍ଟାଙ୍କୁ ନେଇ
ଲେଖାହେଲା କେତେ ଅଫେରା
ପକ୍ଷୀର ଗପ,
ଦି ଦିନିଆ ପ୍ରଜାପତି ଜୀବନର ସ୍ୱପ୍ନ,
ଭାଙ୍ଗି ଯାଉଥିବା ମୋହ,
ତରଳି ଯାଉଥିବା
ଇଟାକାଂଥ ଭିତର ଗୁମୁରା ଗୀତ
ଆହୁରି ଲଟେଇ ଯାଉଥିଲା
ଫୁଲଫୁଟା ଜହ୍ନିଲତାର ଡାଳ
ଲକ୍ଷେ କଳାଦାଗ ଥିବା ଜହ୍ନ
ଆଉ ଶହେ କଣ୍ଟାଭର୍ତ୍ତି
କଣ୍ଟାବାଡ଼କୁ ଛାଡି
ଲତାଟେ ଫୁଟେଇ ପାରିଥିଲେ
ଏତେ ଦରଦର ଫୁଲ
ଏମିତି କେବେ କଣ ଆସନ୍ତା
ପବନର ପତଳା କାଗଜ ଖଣ୍ଡେରେ
ଏତେ କଥା ଲେଖିହେଲା ଭଳି
ଗୋଟେ ବିଭୋର ବେଳ !


ବ୍ରହ୍ମପୁର, ଗଞ୍ଜାମ

ମୋ : ୮୪୮୦୮୬୭୧୯୦

## ଜିରାଙ୍ଗ

### ବନମାଳୀ ସେନାପତି



ବେଳ ରତ ରତ
ସୁରୁଜ ଦେବତା ପାହାଡ଼ ସେପାଖେ
ବୁଡିଯିବାକୁ ପ୍ରସ୍ତୁତ
ଗଡ଼ି ଚାଲିଛି ଆଗକୁ ଆଗକୁ ଗାଡି
ଆମେ ସବୁ ବ୍ୟସ୍ତ ଓ ବିବ୍ରତ,
ବୁରୁନ୍ଦା ମାଝୀ
ମୁଣ୍ଡରେ ମୁଣ୍ଡେଇ ଗୋଛାଟିଏ
ଡାକୁଛି ତା ତିରିଲାକୁ
କନି ଆସୁନୁ ଆଗକୁ
ବେଗି ବେଗି ପକେଇ ପହୁଡ଼
ଉତ୍ତର ଦିଗରୁ ଶିରି ଶିରି ପବନ
କାଠୁଆ ଜାଡ଼ରେ
ଜୀବନ ନିଉନ
ମାଙ୍କିଡିଆ ପଥର ଖଣ୍ଡ ଉପେର
ବସିଥିଲା ଧୋବୀ
ପଚାରିଲି ଆଉ କେତେବାଟ
ଚନ୍ଦ୍ରଗିରି
ମୋ କଥାର ଉତ୍ତରରେ
ବଢ଼େଇଦେଲା କଳା ମଚ ମଚ
ତା ଡାହାଣ ହାତ
ଗୋଟିଏ ଗୋଟିଏ କରି ତା ପହୁଡ଼ରେ ।

ଅଧା ଜଙ୍ଗଲ ତା ପାଇଁ ନିଅଣ୍ଟ
ଅନାବାଦିର ଲମ୍ବା ହାତରେ
ଚିତ୍କାର ବୁଦ୍ଧ ଶରଣ ଗଛମି ସଂଘ ଶରଣ ଗଛାମି
ବିଶ୍ୱାସର ବଳୟରେ ଆମେ ବନ୍ଦୀ
ଚନ୍ଦ୍ରଗିରି ପାହାଡର
କେଉଁ ଏକ ଇମାରତର
ସୁଷୁପ୍ତି ରାତିରେ
ନିଦର କୋଳରେ ।

ରାତି ହେଲେ ନୀରବତା
ଦିନଟା କହେ କଥା
ଉଚ୍ଚସ୍ୱରରେ
ତିବତରୁ ଓଡିଶା, କେତେ ଦୂର
କଳନା କରନ୍ତିନି କେବେ
ମାଡି ଚାଲିଥାଏ ସେମାନଙ୍କ ଜୀବନ ରଥ
ପ୍ରଭୁ ପଦ୍ମସମ୍ଭବଙ୍କ ଦୟାରୁ...

ବିଚିତ୍ର ଏ ଜୀବନ
ବଞ୍ଚିପାରେ ମଣିଷ ସବୁକାଳ
ଚିରକାଳ ବିଶ୍ୱାସର
ବୋଧିଦ୍ରୁମ ତଳେ।


♥ ସଂପାଦକ : ପରାଗ
ଆଳି, କେନ୍ଦ୍ରାପଡା
(ମୋ) ୯୩୩୭୨୨୮୦୪୦


## ପରିସ୍ଥିତି ବଡ଼ ବିଷମ !

### ରାଧାଶ୍ୟାମ ରାଉଳ



ସୁଧୀଜନେ,
କିଏ ବା ବୁଝୁଛି କାହାକୁ ?
ବାଡ଼ ଯଦି ଖେତ ଖାଇଯିବ,
ଆଜ୍ଞା, ଗୁହାରି କରିବା କାହାକୁ ?

ମାତିଅଛୁ ଆମେ ସଭିଏଁ,
ଯେ'ଝାର ସ୍ୱାର୍ଥସାଧନେ !
ବିତୁଛି ସମୟ ଆମ,
ପରଚର୍ଚ୍ଚା, ପରପୀଡ଼ନେ !

କାହାକୁ କୋଉଁ ଭରସା ?
ସମ୍ପଦ କାଳେ ସର୍ବେ ସଖା,
ବିପଦେ ନ ଦିଅନ୍ତି ଦେଖା !

ଅଣ୍ଟି ଛୁରୀ ଏବେ ତଣ୍ଟି କାଟୁଅଛି,
ବିଶ୍ୱାସରେ ମିଶେ ବିଷ !
ଆଶାର ମିନାର ଭୁଶୁଡି ପଡୁଛି,
ସପନ ପୋଡି ପାଉଁଶ !

ଜୀବନ ବାଟରେ,
ସଂସାର ହାଟରେ,
ନିତି ଚାଲେ,
ସମ୍ପର୍କର ବିକାକିଣା !
ଭେଳିକିରେ ମାତି,
ଅହଙ୍କାରେ ସର୍ବେ,
ହେଉଛନ୍ତି ବାଟବଣା !

ଅପ୍ରସଙ୍ଗ ଏଠି ପ୍ରସଙ୍ଗ ପାଲଟେ,
ପ୍ରସଙ୍ଗ କଥାକୁ କିଏ ବା ପଚାରେ ?
ଡାହା ମିଛ ଏଠି ବାଜିମାତ୍ କରେ,
ସତ୍ୟ ହାରୁଅଛି ପ୍ରତି ମୁହୂର୍ତ୍ତରେ !

ତେଲିଆ ମୁଣ୍ଡରେ
ସଭିଏଁ ଲଗାନ୍ତି ତେଲ !
ନୁଖୁରା ମୁଣ୍ଡକୁ ଆଡେଇ ଦିଅନ୍ତି,
ବେଲଗାମ୍ ଚାଲେ,
ପାତର ଅନ୍ତର ଖେଳ !

ବଢୁଛି ବେଖାତିରି,ଅହଙ୍କାର !
କମୁଛି, ସଂସ୍କାର, ସୁଧାର !
ନିରବ ମୁରବିପଣ !
ଅସହ୍ୟ ଲାଗୁଛି,
ଅନ୍ୟାୟ, ଅତ୍ୟାଚାର ଓ
ଖୁଲମଖୁଲା ଜୋର୍ ଜୁଲମ !

ଅବାଧମାନଙ୍କର ଉତ୍ପାତ ବଢୁଛି,
ଚୁଲିକୁ ଗଲାଣି ଶୃଙ୍ଖଳା !
ବିଚାର-ବିଭ୍ରାଟ ଘଟୁଛି ସର୍ବତ୍ର !
ଭେଳିକିରେ ସର୍ବେ ବାଉଳା !

ସର୍କାର, ଶାସନ; ସବୁ ଉଦାସୀନ !
ନ୍ୟାୟ ନିଶାପ; ସୁଦୂ ପ୍ରହସନ !
ଜୀବନ ଜୀବିକା ଉଜୁଡି ଯାଉଛି,
ରାଜନୀତି ପଶାପାଲିରେ,
ଦୁର୍ବୃତ୍ତ, ବର୍ବର ଅପ୍ରାଧ ଭିଆଇ
ଖସିଯାଉଛନ୍ତି ଖଞ୍ଜରେ !

ବହୁ ଆଡମ୍ବରେ ଲଘୁକ୍ରିୟା ସମ
ତଦନ୍ତର ଫଳ ଶୂନ !
ଚୋଠା, ନିଲଠା, ଦୋଷୀ;
ନିତି ଆସର ଜମାନ୍ତି,
ଦଣ୍ଡ ପାଉଛନ୍ତି, ନିରୀହ,ନିର୍ଦ୍ଦୋଷଜନ !

ନିଜର ସୁରକ୍ଷା ନିଜ ହାତେ ଜାଣ,
ନିଜେ ଲଢ଼ିବାକୁ ଅଛି,
ନିଜ ଜୀବନ ସଂଗ୍ରାମ !

ଉଡିଯାଉଅଛି ପ୍ରେମରୁ ମହକ !
ଖୋଜିମିଳୁନାହିଁ ସ୍ପନ୍ଦନ, ଆବେଗ !
ମରିଛି ଆଦର୍ଶ, ହୃଦୟ, ବିବେକ !
ନୀତି, ନ୍ୟାୟ କିଛି ନାହିଁ ।
କହିବା କାହାକୁ କଣ ?
ବିନାଶ କାଳରେ ବିପରୀତ କଥା !
ପରିସ୍ଥିତି ବଡ଼ ବିଷମ !


♥'ଇନ୍ଦ୍ରଧନୁ'
ଡ୍ୟୁପ୍ଲେକ୍ସ :୧୦(ବି)
ବୀମାବିହାର,ମର୍କତନଗର
ସେକ୍ଟର-୬, କଟକ:୭୫୩୦୧୪
ମୋ: ୯୪୩୭୦୯୦୯୮୫


## ପୀରତିର ଏକ ହେମ ହରିଣ ମୁଁ

### ତାରାପ୍ରସାଦ ଜେନା



ପୀରତିର ଏକ ହେମ ହରିଣ ମୁଁ
ତୁମ ସ୍ମୃତି ବନେ ଧାଇଁ
ଏ ମୋ ପାଦ ଅନେକ ପଥରେ
ଆଉ ମୁଁ ପାରୁନି ନେଇ
ପୀରତିର ଏକ ହେମ ହରିଣ ମୁଁ ....!
ତୁମରି ସେନେହ ପଣତରେ ତଳେ
କର ମୋତେ ପାଶ ବନ୍ଧ
ମୋ ଆଖି ସପନେ ସୁନେଲି ଆଶାର
ଭରିଦିଅ ସୁଖ ନିଦ,
ଯନ୍ତ୍ରଣା ହୀନ ହେମ ହରିଣର
କାମନା ଟିକିଏ ହୋଇ
ପୀରତିର ଏକ ହେମ ହରିଣ ମୁଁ .....!
ତୁମ କଳ୍ପନାର ସବୁଜ ବନାନୀ
ରହିବି ମୁଁ ଚିରଦିନ
ତୁମ ଅଧରର ମଧୁ ଝରଣାରେ
ପିପାସିତ ମୋର ମନ,
ବୁଝିନିଅ ସାଥି ମୋର କଥା ପଦେ
ମମତା ସୋହାଗ ଦେଇ
ପୀରତିର ଏକ ହେମ ହରିଣ ମୁଁ .....!


♥ରାଜ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦


## ସ୍ୱାଭିମାନର ବାର୍ତ୍ତା

### ସରୋଜ କୁମାର ଦାସ



ଭାବିଥିଲି ଗଢିଦେବି ଆମ ଭବିଷ୍ୟତ
ବାଜିରେ ଲଗେଇ ଜୀବନ ମୋହର,
ସେଥିପାଇଁ ଦରଗଜା ମୋ ସ୍ୱପ୍ନର ଘର
ନାଲି ନାଲି ଇଟା ସବୁ ଦିଶେ ବହୁଦୂର
ପୂରା କରିବାକୁ ନାହିଁ ଅସ୍ତିତ୍ୱ ମୋହର ।

ଯେଉଁ ଘରେ ଦେଖୁଛି ମୁଁ ଜୀବନର ପଥ
ସେ ଘର ଅଗଣା ଲାଗେ କେତେ ମନୋହର
ଛୋଟ ଛୋଟ କେତେ ଫୁଲ ସେହି ଅଗଣାରେ
ଫୁଟିବାର ଆଶା ନେଇ ହୃଦୟ ? ଭିତରେ
ବାନ୍ଧିଛନ୍ତି ମମତାର ଡୋର ।

ମୁଁ କିନ୍ତୁ ପାରୁନାହିଁ ସଭିଙ୍କୁ ସଜେଇ
ମୋ ଘର ଅଗଣା ଛାଡି ଯାଏ ଦୂରେ ମୁହିଁ
କେବେ ବୁଝିବାକୁ ହୁଏ ଜନତାଙ୍କ କଥା
କେବେ ପୁଣି ଗଣୁଥାଏ ଜନଙ୍କର ମଥା
ଲେଖନୀ ମୁନରେ ଯେବେ ଗପ ଲେଖୁଥାଏ
ଅଧା ଲେଖା ସାହିତ୍ୟରେ ଅଙ୍କ ମିଶି ଯାଏ ।

ମୁଁ ଚାଲିଥାଏ ନିଦାଘର ପ୍ରଚଣ୍ଡ ରୌଦ୍ରରେ
ଶୂନସାନ୍ ରାସ୍ତାରେ, ନିସ୍ତବ୍ଧ ପ୍ରାନ୍ତରେ
ପୋଛି ଦେଇ କପାଳରୁ କିଛି ସ୍ୱେଦ ବିନ୍ଦୁ
କାହାପାଇଁ ଆଣିବାକୁ କିଛି ସଫଳତା,
ସାରା ରାତି ଚାହିଁଥାଏ ବର୍ଷାକୁ ଅନେଇ
ଥମିବା ଯାଏ ବତାସର ତୀବ୍ରତା
ମୁଁ ଜାଣିଥାଏ ତୁମେ ମୋ ଅତିଥି
ମୋ ପାଇଁ ବଡ଼ ଅଟେ ତୁମ ନିରାପତ୍ତା।

ମୋତେ କରିବାକୁ ପଡେ ମୂଳଚାଲ
ଟଙ୍କାଟିଏ ପାଇଁ, କଥାଟିଏ ପାଇଁ,
କାହା ପରିହାସ ଭିତରେ ମୁଁ ସାଉଁଟି ନିଏ
ମୁଠାଏ ଚୋରାବାଲି
ବିସ୍ତୃତ ସାଗର ବେଳାରୁ
ଗଢ଼ିବାକୁ ବାଲିଘର କିଛି ବିଶ୍ୱାସକୁ ନେଇ ।

ଆଉ କାହାକୁ ସଜାଡିବା ପାଇଁ
ଅସଜଡା ମୋ ଭବିଷ୍ୟତ,
ଯେତେବେଳେ ମୁଁ ପରିପ୍ରକାଶ କରେ
ମୋ ଆବେଗକୁ
ବଞ୍ଚେଇବାକୁ ଚେଷ୍ଟାକରେ
ମୋ ସ୍ୱାଭିମାନକୁ
ବହୁତ କଷ୍ଟ ହୁଏ ସେମାନଙ୍କୁ,
ଯୁଦ୍ଧର ଘନଘଟା ଭିତରେ
ମୁଁ ହାରି ଯାଏ ଅନେକ ଥର
ମୁଁ ନିରବିଯାଏ ବହୁବାର।

କେବେ ଭୂଗୋଳ କେବେ ଇତିହାସ
ମୋ ଜୀବନର,
ମିଛ ସତ କାହାଣୀ ଭିତରେ
ବ୍ୟାପିଯାଏ ଦୂର ଦିଗନ୍ତକୁ,
ହୃଦୟର ପ୍ରତିଟି ସ୍ପନ୍ଦନରେ ମୁଁ
ଖୋଜୁଥାଏ ମୋ ସ୍ୱପ୍ନକୁ
ହାରିବାର ପ୍ରତିଟି ପାହାଚରେ
ମୁଁ ଆଗକୁ ଆଗେଇ ଚାଲେ
ବିଶ୍ୱାସକୁ ଜାବୁଡ଼ି ଧରି
ମୋ ଅଗଣାରେ ମୁଁ ଦେଖୁଥାଏ
ସେହି ଟିକି ଟିକି ଫୁଲ ଗୁଡ଼ିକୁ
ଏକ ସମ୍ଭାବନାର ଆଶା ନେଇ ।


♥ବାଲିଆପାଳ


## ଇନ୍ଦ୍ରଧନୁ

### ଗଜାନନ ମିଶ୍ର

ଥାଅ, ଯାଅ ନା କେନକେ !
ଶ୍ୱାସ ପ୍ରଶ୍ୱାସରେ ହେଉଥାଅ
ଭିତର ବାହାର ସଦା।
ରହ ନା ଚୁପ୍, ଆଉ ମତେ ବି
କହ ନା କିଛି ଏତେବେଳେ।

ଜରୁରୀ ନୁହେଁ ଶୁଣିବା କି
କହିବା କିଏ ଏଇଠି।
ଅଛି ଘଡଘଡି, ଅଛି ମେଘ,
ଘୋଟି ଆସିବ, କଚାଡି ହେବ
ଗଛରେ ପର୍ବତରେ ପଡିଆରେ।

ଏଇଠି ଏମିତି ଚାହୁଁଛେ
ଗଢିବାକୁ, ରହିବାକୁ କାହାକୁ
ଭକୁଆ ବନେଇ ନୁହେଁ।
ସଭିଙ୍କୁ ଛୁଇଁ ଛୁଇଁ ତିଆରି କରି
ଇନ୍ଦ୍ରଧନୁ ବିଛେଇ ଦେବାର ଅଛି
କବିତା ଗଗନଚୁମ୍ବୀ ଗୁଂଜିତ ରଙ୍ଗରେ
ଭାବରେ ଶବ୍ଦରେ ଏଇ ମାଟିରେ।


♥ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪


## ନୂଆବର୍ଷ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ନବବଧୂ ପରି ତୁମେ ନୂଆବର୍ଷ ଧୀରେ ଧୀରେ
ପାଦ ଦେବ ପୃଥିବୀ ପୃଷ୍ଠରେ
ସମୁଜ୍ଜ୍ୱଳ ମୁହଁ ତୁମ ଉଦ୍ଭାସିତ ହେବ
ସୂର୍ଯ୍ୟୋଦୟ ଓଢ଼ଣା ଫାଙ୍କରେ ।

ଭୋଜିଭାତ, ନାଚଗୀତ,
ବାଜାବାଣ, ଆଲୋକ ରୋଶଣି
ସୁସଜ୍ଜିତ ରାସ୍ତାଘାଟ, ଘରଦ୍ୱାର,
ବଜାର ବିପଣି
ଚାରିଆଡ଼ ମହୋତ୍ସବ ତୁମ
ଆଗମନୀ ସ୍ୱାଗତ ପାଇଁକି ।

ଆସିବ କି ତୁମେ ନୂଆ ଆଶା ଆଶ୍ୱାସନା
ସମ୍ଭାବନାର ସମ୍ଭାର ନେଇ
ଉନ୍ନତି ପ୍ରଗତିର ଶୁଭ ଶଙ୍ଖକୁ ବଜାଇ !

ରୋଗୀ ଭୋଗୀ ଦୁଃଖୀରଙ୍କି ଅପେକ୍ଷା କରନ୍ତି
ଅସୁମାରି କାମନା ବାସନା ଘେନି ।

ବିଦ୍ୟାଳୟରେ ବିଦ୍ୟାର୍ଥୀ
ଚାକିରି ଲାଗି ବେକାର ପ୍ରତ୍ୟାଶୀ
ବିବାହ ଯୋଗ୍ୟ ଯୁବକ ଯୁବତୀ
ପାଚିଲା ଧାନ ଧରି ମଣ୍ଡିରେ ଚାଷୀ
ସବୁରି ମନରେ ଆଶା ଓ ବିଶ୍ୱାସ
ତୁମ ଆଗମନ ହେବ ଶୁଭଙ୍କରୀ
ପୂର୍ଣ୍ଣ ହେବ ମନସ୍କାମନା
ଗ୍ରହ ନକ୍ଷତ୍ରଙ୍କ ଚଳନକୁ ନେଇ
ଚାଲିବ ଭବିଷ୍ୟ ବାଣୀ ଜ୍ୟୋତିଷ ଗଣନା ।

କ୍ରମେ ସବୁ ପାଲଟିବ ନିତ୍ୟନୈମିତ୍ତିକ
ଯାହା ସବୁ ଘଟୁଥିଲା ପୁନଃ ପୁନଃ
ଘଟି ଚାଲିବ ସେପରି ଘଟଣା ।

ସମୟ ତା' ବାଟରେ ଚାଲିଯିବ
ନୂଆକୁ ପୁରୁଣା କରି
ଧୀରେ ଧୀରେ ଲିଭୁଥିବ ତୁମ ପାଦର ଅଳତା
ଝଡୁଥିବ ଦେହରୁ ଯୌବନ କଳା କେଶ ପକ୍ୱ
ହେବ
କ୍ୟାଲେଣ୍ଡର ପୃଷ୍ଠାମାନ ଗୋଟିକ ପରେ
ଗୋଟିଏ ଓଲଟିବ
ଠିକ୍ ବାର ମାସ ପରେ କାନ୍ଥରେ ତୁମେ ନୁହଁ
ଆଉକିଏ ଝୁଲୁଥିବ ।


♥ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬




## ବିଦାୟ

### ମନୋଜ କୁମାର ମେହେର

ବିଦାୟ ଘେନ ହେ ପୁରୁଣା ବରଷ
ଆସିଥିଲ ନୂଆ ହୋଇ,
କେତେ କେତେ ସ୍ମୃତି କେତେ ଅନୁଭୂତି
ଆଣିଥିଲ ସାଥୀ ହୋଇ ।।

ସମୟ ସ୍ରୋତରେ ବରଷ ବିତିଲା
ସୁଖଦୁଃଖର ସହିତ,
କେତେ ଯେ ଘଟଣା ପୁଣି ଦୁର୍ଘଟଣା
ଦେଖିଲା ସାରା ଜଗତ ।।

ହଜିଲା ଅତୀତ ପୁଣି କି ଫେରିବ
ରହିଯିବ ସ୍ମୃତି ହୋଇ,
ବିଦାୟ ଦେଉଛି ଦୁଃଖ ମନେ ତୋତେ
କୋହଭରା ଦୁଃଖ ନେଇ ।।

ଦୁନିଆର ନୀତି କେହି ଭାଙ୍ଗି ନାହିଁ
ଭାଙ୍ଗିବି ପାରିବେ ନାହିଁ,
ଏ ଶୁଭ ବେଳାରେ ବିଦାୟ ଦେଉଛି
ନୂଆ ବରଷକୁ ଚାହିଁ ।।

ଆସିଥିଲ ଦିନେ ଆନନ୍ଦ ଉଲ୍ଲାସେ
ହସଖୁସି ସାଥେ ନେଇ,
ବିଦାୟ ଘେନ ହେ ବିଦାୟୀ ବରଷ
ମନେଥାଅ ସଦାରହି ।।


♥ ବଣ୍ଡାକୁଟୁରା, ଜୁନାଗଡ଼ କଳାହାଣ୍ଡି
ମୋ-୯୩୩୭୭୯୩୧୫୭


## ପରିସ୍ଥିତି

### ଶ୍ରୀମତୀ ସୁଲକ୍ଷଣୀ ସାହୁ



ଦି ଧାଡି ନାଟକ ତା' ସଂସାରର
ଚିହ୍ନି ନାହାନ୍ତି କେହି
ଜିଇଁବା ତ ବହୁ ଦୂର ପାହାଡ
ପିଢି ପରେ ପିଢ଼ି ଅଫୁଟା
ଚପା ବ୍ୟଥା ଇଏ
ସ୍ତ୍ରୀ ମନ ଗୋହିରୀର ।

ହାତ ଧରି ଭିଡି ଆଣିଲେ
କିଏ କ'ଣ ସ୍ୱାମୀ ହୁଏ
ଅଭୟ ବର କଣ ପ୍ରାପ୍ତି ହୁଏ
ଏତେ ଜି-ହଜୁର ଘୋଷରେ
ମାଆ ବାପା କଣ
ଦ୍ୱିତୀୟ ବାର ମିଳନ୍ତି ଶାଶୁଘରେ
କାହା ଇଶାଣର ଲକ୍ଷ୍ମୀ କଣ
ସତରେ ଦେବୀ ପରାଏ ବଟେ ।

ଅସ୍ତବ୍ୟସ୍ତ ବିଲୋଡିତ ମନ ଦେହରେ
କଣ ତୃପ୍ତ ଆତ୍ମାଟେ ଥାପିହୁଏ
ଥାଳିଏ ସ୍ୱାଦିଷ୍ଟ ଦରବରେ କ'ଣ
ତା' ଭୋକର ପେଟ ପୁରେ
ସଞ୍ଜବତୀର ଦାହିକା
ଆକାଶେ ଅନ୍ଧାର ସାଥେ
କ'ଣ ବିଲୋକୀଙ୍କ ଚେତନା
ଉଜ୍ଜୁଳିପାରେନି
କି ଜଉମୁଦ ଲେସା ଥାଏ କେଇ ପରସ୍ତ।

ନିଆଁରେ ଦରସିଝା ଦେହଟା
କଣ ତା' ପାଟି ସୁଆଦ ହେତୁ
ଝାଳେଇ ସିଝେ
ଏତେ ପିଢ଼ାପାଣି ନୀତିନିୟମ
ପିଠାପଣା ଦିଅଁ ପୂଜାକ୍ରମ
କଣ ସେ ମନୁକୁ ଇଚ୍ଛେ।

ଦେବୀ କହି
କ ର୍ବ୍ୟ ଅଧିକାର ଛଳେ
ପୋଇଲି ହୁଏ
ଆୟୁଷଟେ ସମୟ
ଏରୁଣ୍ଡି ଡିଏଁ
ନାଲି ସୁଲକ୍ଷଣୀ କପାଳେ ବୋଧେ
ଏହି ସ ର୍ରେ ହିଁ
ଅହ୍ୟସୁଲକ୍ଷଣୀ ଯାତ୍ରାର ଆରମ୍ଭ ।


♥ ସହକାରୀ ଶିକ୍ଷୟିତ୍ରୀ
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ
ଜି:ନୂଆପଡ଼ା




## ଆତ୍ମବିଶ୍ୱାସ

### ମମତା ବଗର୍ତ୍ତୀ

ନିବିଡ ଅନ୍ଧକାରରୁ ବାହାରି
ଆଲୋକର ପଥେ ଆଗେଇ ଚାଲେ
ବିଫଳତା ସବୁକୁ ସେ ପାସୋରି ।।

କୁହୁଡି ପରି ଝାପ୍ସା ରାସ୍ତାରେ
ବାଟ ଖୋଜି ମାଡି ଚାଲେ ଆଗକୁ
ଯେବେ ସେ ଆତ୍ମବିଶ୍ୱାସକୁ ଆଦରେ ।।

ନିଜ ଜୀବନର ଯୋଦ୍ଧା ସେ ନିଜେ
ଆତ୍ମବିଶ୍ୱାସକୁ ବଡ ଅସ୍ତ୍ର ସଜେଇ
ନିଜ ବିଜୟର ବାଟ ସେ ଖୋଜେ ।।

ମାୟା ମୋହର ବନ୍ଧନକୁ ତ୍ୟାଗ କରି
ସ୍ୱପ୍ନର ବାଟକୁ କିଳି ଥିବା ଶିକୁଳିକୁ ଖୋଲି
ଦୃଢ ଆତ୍ମବିଶ୍ୱାସକୁ ତା'ର
ହୃଦୟରେ ଭରି ।।

ସମସ୍ତ ପ୍ରତିବନ୍ଧକକୁ ସେ ବିନାଶି
ସଫଳତାର ଉଡାଇଥାଏ ଧ୍ୱଜା
ପାଲଟିଥାଏ ଯେବେ ସେ ଆତ୍ମବିଶ୍ୱାସୀ ।।


♥ ରାଣୀକଟା,ବଲାଙ୍ଗୀର


## ଶୀତ ଗୀତ

### ବିଜୟଲକ୍ଷ୍ମୀ ପାଣିଗ୍ରାହି



କୋରାପୁଟକୁ ଶୀତ ଓହ୍ଲାଏ
ଦେଓମାଳିର ଛାତିରେ ପାଦଦେଇ
ତଳକୁ ଖସେ
ପଟାଙ୍ଗିର କୁନ୍ଦୁଲି ହାଟରୁ ସଉଦା କରେ
ଗଲିଗନ୍ଧର, ରାଣୀ ଡୁଡୁମା,
ପୁଞ୍ଜିସିଲରେ ପିକନିକ ସାରି
କଣ୍ଟାବାଉଁଶୁଣୀଙ୍କ ବାଉଁଶ ବଣରେ
ବଂଶୀ ଫୁଙ୍କେ।
ଶୀତ କୋଲାବରେ ଗୋଡ ଧୋଇ
ଗୀତ ଗାଇ ବୁଲେ
ଅଳସୀ ବାଡ଼ରେ/ ଶାଳ ବଣରେ /

କଳା ମଚମଚ ସର୍ପିଳ ଘାଟିରେ/
ନାକଟି ଡଙ୍ଗରରେ/ ଜନ ଜୀବନରେ।
ଜଗତଜନନୀଙ୍କୁ ଜୁହାର କରି
ଜୟପୁରର ରାଜରାସ୍ତାରେ
ଶୀତ ଶୋଭାଯାତ୍ରା କରେ।
ରିନଯୋଡିର ତାଳେ ତାଳେ
ରାହାଗିରିରେ ବସେ
ଜଗନ୍ନାଥ ସାଗରରୁ ପାଣିପିଏ
ପାର୍କରେ ବିଶ୍ରାମ ନିଏ
ବେତାର ସଙ୍ଗୀତ ଶୁଣେ।

ଶୀତ ସଲପ ପିଇ ମତୁଆଲା ହୁଏ
ଗେଣ୍ଡୁ ଆଉ ସେବତୀ ଫୁଲରୁ
ହଳଦୀ ନେଇ ଦେହରେ ମାଖେ
ବିନ୍ସ, କୋବି, ମୂଳା କିଆରୀର
ସରୁ ନାଳ ପାଣିରେ ମୁହଁଧୁଏ।

ଜଳପ୍ରପାତର ଧାରେ ଧାରେ
ଉତ୍ସବ ମନାଉ ଥିବା ଶୀତ
ରାତି ଆସିଲେ
ନିଜକୁ ସମର୍ପି ଦେଇ
ଘୁଙ୍ଗୁଡ଼ି ମାରେ
କୁହୁଡ଼ିର ମେଢ ପାରି ବସିଥିବା
ଶାବର ଶ୍ରୀକ୍ଷେତ୍ରର ବାଇଶି ପାହାଚରେ।


♥ଜୟପୁର, କୋରପୁଟ
ମୋ-୮୨୪୯୪୫୦୦୫୦

# ଗାୟତ୍ରୀ ଶକ୍ତି ପୀଠରେ ୪୫ତମ ପ୍ରତିଷ୍ଠା ଦିବସ ପାଳିତ

ନୂଆପଡ଼ା,୨୯/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚଲାନପଡ଼ା ଗାୟତ୍ରୀ ଶକ୍ତିପୀଠର ୪୫ ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଆଧ୍ୟାତ୍ମିକ ପତକା ଗାୟତ୍ରୀ ଶକ୍ତିପୀଠର ବରିଷ୍ଠ ପରିଜନ ରଘୁପତି ସିଂ ବାରିକ ଉତୋଳନ କରିଥିଲେ । ତାଙ୍କୁ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି କେତନ ସିଂ ବାରିକ ସହଯୋଗ କରିଥିଲେ । ପରେ ପଂଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ହୋମ ମହା ଯଜ୍ଞରେ ଶତାଧିକ ଗାୟତ୍ରୀ ପରିବାର ପରିଜନ ଭାଗ ନେଇଥିଲେ । ଏହି ଅବସରରେ ଷୋଡ଼ଶ ସଂସ୍କାର କାର୍ଯ୍ୟ ମାନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମର ଅର୍ଜୁନ ବାଗଙ୍କ ନେତୃତ୍ୱରେ ଗାୟତ୍ରୀ ମାତାଙ୍କ ଟୋଲି ଯଜ୍ଞ ସଂଚାଳନ କରିଥିଲେ । ବରିଷ୍ଠ ଗାୟତ୍ରୀ ପରିଜନ, ଲ୍ୱଣେଶ୍ୱର ବାରିକ, ଦୟାନିଧି ବାରିକ, ନନ୍ଦଲାଲ ବାରିକ, ତ୍ରିଲୋଚନ ବିଶି, ଡମ୍ବୁଲାଲ ରଣା, ଜୟରାମ ଶବର, ସନାତନ ଶବର, ଗୀତାଞ୍ଜଳି ବାରିକ, କୁମଞ୍ଜଳି ବାରିକ, କ୍ଷିରସିନ୍ଧୁ ବାଳା ବାରିକ, କୁସୁମ ମଞ୍ଜରୀ ପଣ୍ଡା, ତୁଳସୀରାଣୀ ବାରିକ, ପଙ୍କଜୀନୀ ଚଲାନ, ମମତା ମଞ୍ଜରୀ ଥପା, ମିନୁ ରାଉତ, ସଂଯୁକ୍ତା ବାରିକ, ବବିତା ବିଶି,ବରଗାଁ ସରପଂଚ ଗୋବିନ୍ଦ ବିହାରୀ ବାରିକ, ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ, ଯୋଗେଶ କୁମାର ଚଲାନ, ମୃତ୍ୟୁଞ୍ଜୟ ସିଂ ବାରିକ, ତୁମେଶ୍ୱର ଚଲାନ, ବଲଦେବ ରାଉତ, ଶୁଶିଲ କୁମାର ଚଲାନ, କ୍ଷୀର ପ୍ରସାଦ ରାଉତରାୟ, ପ୍ରେମ ସିଂ ବାରିକ, ବିଜୟ ପ୍ରତାପ ସିଂ ମହାରଥୀ, ଅଶ୍ୱିନୀ କୁମାର ପ୍ରଧାନୀ, ମନ୍ଟୁନ ଦଣ୍ଡସେନାଙ୍କ ସମେତ ଶତାଧିକ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ । ଏହି ଅବସରରେ କବି କ୍ଷିର ପ୍ରସାଦ ରାଉତରାୟଙ୍କ ଲିଖିତଗାୟତ୍ରୀ ଭଜନ ମାଳା ଓ ସ୍ରୋତ ଉନ୍ମୋଚିତ ହୋଇଥିଲା ।

# ୨୮ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗୀର,୨୯/୧୨ (ନି.ପ୍ର): ସ୍ଥାନୀୟ ଖଲିଆପାଲି ଭୀମ ଭୋଇ ଆମ୍ବେଦକର ମିନି ଷ୍ଟାଡିୟମ ଠାରେ ଦୁଇ ଦିନ ବ୍ୟାପି ୨୮ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ ଉଦ୍‌ଘାଟନ କରି କ୍ରୀଡା ଆରମ୍ଭ କରାଇଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନି ଦିବସରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କ୍ରୀଡାପ୍ରେମୀ ତଥା କ୍ରୀଡା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ ବକ୍ତବ୍ୟରେ ଜନଜାତି କିପରି ସଂଗଠିତ ହୋଇ ରହିବେ ଏବଂ କ୍ରୀଡା କ୍ଷେତ୍ରରେ ଉନ୍ନତି କରି ରାଷ୍ଟ୍ରୀୟ ସ୍ତରରେ ନା କରିବେ ସେ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବରେ ମୁକେଶ ଜୈନ ଉପସ୍ଥିତ ରହିଥିଲେ । ମୁଖ୍ୟବକ୍ତା ଭାବରେ ପଙ୍କଜ ସିଂ ଉପସ୍ଥିତ ରହି ଜନଜାତି କଲ୍ୟାଣ ଆଶ୍ରମ ବିଷୟରେ କହିଥିଲେ । ପ୍ରାନ୍ତ ସଂପାଦକ ଚନ୍ଦ୍ରକାନ୍ତ ନାଥ ଏବଂ ସହ-ମହିଳା ପ୍ରମୁଖ ଗୀତାଞ୍ଜଳି ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବଲାଙ୍ଗୀର ନଗର ସଭାପତି ରବି କୁମାର ଅଗ୍ରୱାଲ, ସଂପାଦକ ମୁକେଶ ଅଗ୍ରୱାଲ, ସଂଯୋଜକ ମହେନ୍ଦ୍ର ଅଗ୍ରୱାଲ, କୋଷାଧକ୍ଷ ସୁନିଲ ଅଗ୍ରୱାଲ କାର୍ଯ୍ୟକ୍ରମ ତୁଲାଇଥିଲେ । ଶେଷରେ ଡା. ପୁରୁଷୋତମ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । ଏ ଅବସରରେ ଖଲିଆପାଲିର ଆମ୍ବେଦକର ଷ୍ଟାଡିୟମ ଦେଇଥିବାରୁ ଜଗନ୍ନାଥ ସ୍ପୋର୍ଟିଂର ସଦସ୍ୟ ନାରାୟଣ ବିଶ୍ୱାଲ, ସତ୍ୟପୀର ପାତ୍ର, ମୁକେଶ ସାହୁ ତଥା ଗ୍ରାମର ସଦସ୍ୟଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲେ । ଏଥିରେ ୧୯ଟି ଜିଲ୍ଲାର ୩୮୦ଟି ପ୍ରତିଯୋଗୀ ଭାଗ ନେଇଥିଲେ ।

# ଗୋଳେଇପୁର ପଂଚାୟତ ମହୋତ୍ସବ ଉଦ୍ଘାଟିତ

କୋରେଇ,୨୯/୧୨ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତ ମହୋତ୍ସବ ଉଦ୍ଘାଟିତ ହୋଇଛି । କଳା, ସଂସ୍କୃତି ଓ ପରମ୍ପରା ସମ୍ପୂର୍ଣ୍ଣ ଗୋଳେପୁର ଯୁବ ସାଥି ମାନଙ୍କ ନିଷ୍ଠା, ସଦିଚ୍ଛା ଯୋଗୁ ଏହି କାର୍ଯ୍ୟକ୍ରମ କରିବା ସମ୍ଭବ ହୋଇଛି । ୨୦୧୭ ମସିହାରୁ ଅଦ୍ୟାବଧି କ୍ରମାଗତ ଭାବେ ପଂଚାୟତ ବାସୀଙ୍କ ମନୋରଂଜନର ଖୋରାକ ଯୋଗାଇ ଆସିଛି ମହୋତ୍ସବ । ଏହି ମହୋତ୍ସବ ବଡ ଦିନରୁ ଆରମ୍ଭ ହୋଇ ବର୍ଷ ଶେଷ ଅର୍ଥାତ ୭ ଦିନ ବ୍ୟାପି ଚାଲିବ । ଏହାର ଉଦ୍ଘାଟନୀ ଉତ୍ସବରେ ପ୍ରାଧାପକ ଉମାକାନ୍ତ ଖଣ୍ଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅଶୋକ ଦାସ ଫାଉଣ୍ଡେସନର ମହା ସଚିବ ତଥା ପୂର୍ବତନ ଯାଜପୁର ପୌରାଧକ୍ଷ ଭବପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ବିଶିଷ୍ଟ ଅତିଥିଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ସ୍ୱତନ୍ତ୍ର ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷ ନଳିନୀ ପ୍ରଭା ଜେନା, ସମ୍ମାନୀତ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, କୋରେଇ ଥାନାଧିକାରୀ ରାକେଶ ତ୍ରୀପାଠୀ, ମିର୍ଜା ହବିବୁଲ୍ଲା ବେଗ ପ୍ରମୁଖ ଯୋଗଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଦେବବ୍ରତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ସମାଜସେବୀ ଦେବବ୍ରତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସଚିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଇନଜିବୀ ଚନ୍ଦ୍ରକାନ୍ତ ଖଣ୍ଡାଇ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ସମାଧାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ରାଜା ମଲ୍ଲିକଙ୍କ ନେତୃତ୍ୱରେ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ବିଭିନ୍ନ ରଂଗ ବେରଙ୍ଗରର ଦୋଳି ଓ ଲାଗିଥିବା ଷ୍ଟଲ ମାନଙ୍କରେ ଭିଡ ଦେଖିବାକୁ ମିଳିଥିଲା । ମାଗୁଣି ମଳିକ, ଗୁଡୁ ଦାସ ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ମଂଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ବୈଠକ

ଭଦ୍ରକ,୨୯/୧୨ (ନି.ପ୍ର): ସମାଜ ପ୍ରତି ବରିଷ୍ଠ ନାଗରିକ ମାନେ ପ୍ରେରଣାର ଉତ୍ସ ଓ ଜାଗ୍ରତ ପ୍ରହରୀ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଚାଳନରେ ଭାଗବତ କଲ୍ୟାଣ ମଣ୍ଡପରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଶ୍ରୀ ମହାପାତ୍ର ଆଲୋଚନା ପ୍ରସଙ୍ଗରେ ପ୍ରକାଶ କଲେକି ଏ ପରିଣତି ବୟସରେ ବରିଷ୍ଠଙ୍କ ଅନୁଭୂତିକୁ ପାଥେୟ କରି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ଓ ଆମ ଜିଲ୍ଲାର ମାନନୀୟ ମନ୍ତ୍ରୀ, ସାଂସଦ, ବିଧାୟକ ମହୋଦୟଙ୍କୁ ପରାମର୍ଶ ଦେବା ସହ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲାର ସମସ୍ତ ଡାକ୍ତଖାନରେ ଡାକ୍ତର ପୂରଣ ପାଇଁ ଆଲୋଚନା କରାଗଲା, ଗେଲପୁରଠାରେ ନୂଆ ହସ୍ପିଟାଲ ପରିସରରେ ବରିଷ୍ଠ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡ଼ି. ଡ଼ି. ସି. ରେ ନିରାମୟ ଔଷଧ ପାଇଁ ଧାଡିର ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିବା ସହ ନୂଆବର୍ଷରୁ ଏହା କାର୍ଯ୍ୟକାରି କରିବାକୁ ଜିଲ୍ଲପାଳ ମହୋଦୟ ଙ୍କୁ ଅନୁରୋଧ କରାଯିବ, ତା ସହ ଜିଲ୍ଲାର ସମସ୍ତ ଜନସାଧାରଣ ଙ୍କୁ ଉତମ ସେବା ଓ ବରିଷ୍ଠ ମାନଙ୍କର ଉତମ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ସ୍ନାୟୁ, ହୃଦରୋଗ ବିଭାଗରେ ଅଭିଜ୍ଞ ଡାକ୍ତର ନିଯୁକ୍ତି ସହ ଏମ. ଆର. ଆଇ. ଓ ଇକୋ ମେସିନ ପ୍ରତିଷ୍ଠା କରାଯିବା ପାଇଁ ମହାସଂଘର କର୍ମକର୍ତା ଜିଲ୍ଲାର ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ସହ ପୁନର୍ବାର ଆଲୋଚନା କରିବା ପାଇଁ ନିଷ୍ପତି ନିଆଗଲା,ବ୍ଲକ ସ୍ତରରେ ବରିଷ୍ଠ ନାଗରିକ ମାନେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟ ଅଫିସରେ ଧାଡିରେ ଘଂଟା ଘଂଟା ଧରି ଠିଆ କରାଇବା ସମ୍ପୃକ୍ତ ଶାଖା ପରିଚାଳକ ମାନେ ବୟସ୍କ ବ୍ୟକ୍ତିଙ୍କୁ ଅଣଦେଖା କରିବା ଭଳି ସାଙ୍ଘାତିକ ଅଭିଯୋଗ ମାନ ମହାସଙ୍ଘ ନିକଟରେ ଉପସ୍ଥାପନ କରିବା, ବ୍ଲକ, ତହସିଲ କାର୍ଯ୍ୟାଳୟ ରେ ମଧ ସମାନ ଅବସ୍ଥା,ଆଜିର ବୈଠକରେ ସମସ୍ତ ନିର୍ବାଚିତ ପ୍ରତିନିଧି, ମନ୍ତ୍ରୀ, ସାଂସଦ ଓ ଜିଲ୍ଲା ପାଳ, ବ୍ୟାଙ୍କ ଏଲ. ଡ଼ି. ଏମ, ମହୋଦୟଙ୍କୁ ଅନୁରୋଧ କରିବାସହ ଖୁବଶୀଘ୍ର ଏହାର ସମାଧାନ କରିବାକୁ ଦୃଷ୍ଟି ଆକର୍ଷଣ କରାଯିବ, ପ୍ରତିବର୍ଷ ପରି ଆସନ୍ତା ୨୦୨୬ମସିହା ରେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଷଷ୍ଠ ବାର୍ଷିକ ସ୍ୱନକ୍ଷତ୍ର ଦିବସ ଆସନ୍ତା ଜାନୁୟାରୀ କୋଡିଏ ତାରିଖ ନୟାବଜାର, ଭଦ୍ରକ, ଭାଗବତ କଲ୍ୟାଣ ମଣ୍ଡପ ନୟାବଜାର, ଭଦ୍ରକ ପରିସରରେ ଜିଲ୍ଲାର ସତେଇଶ ଗୋଟି ଆଞ୍ଚଳିକ ସଂଗଠନର ସଦସ୍ୟ, ସଦସ୍ୟା ଓ ମୁଖ୍ୟ ଅତିଥି, ସମ୍ମାନିତଅତିଥି, ମୁଖ୍ୟବକ୍ତା,କର୍ମକର୍ତା ମାନଙ୍କ ଉପସ୍ଥିତରେ ପାଳନ ହେବ, ଉକ୍ତ ସମାରୋହରେ ଯୁଗଳ କିଶୋର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମଲ, ହରିହର ରାଉତରାଏ, କିଶୋର ମହାପାତ୍ର, ଶୈଳେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ, ବାର୍ଷିକ ମୁଖପତ୍ର ବରିଷ୍ଠ ପତ୍ରିକାର ସର୍ବାଙ୍ଗ ସୁନ୍ଦର ପାଇଁ ସମ୍ପାଦକ ମଣ୍ଡଳୀଙ୍କ ପରାମର୍ଶ ଅନୁସାରେ ଉଚ୍ଚ କୋଟିର ଲେଖା ମାନ ସ୍ଥାନିତ ହେବାସହ ସମସ୍ତ ଆଂଚଳିକ ସଂଘର କାର୍ଯ୍ୟକଳାପ ମାନ ସ୍ଥାନ ପାଇବ,ଉକ୍ତ ସଭାରେ ସମସ୍ତ ସଦସ୍ୟ ମାନଙ୍କ ସହିତ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, କୋଷାଧକ୍ଷ ବିଜୟ କୁମାର ସେନାପତି, ଉପଦେଷ୍ଟା ଶଶିକାନ୍ତ ପାଢ଼ୀ, ଇନ୍ଦ୍ରମଣି ପଣ୍ଡା, ଶ୍ୟାମସୁନ୍ଦର ଦାସ, କାର୍ଯ୍ୟକାରୀଣି ସଭ୍ୟ ଶାନ୍ତିଲତା ବାରିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ୫୨ତମ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

କେନ୍ଦୁଝର,୨୯/୧୨ (ନି.ପ୍ର): ଛାତ୍ରଛାତ୍ରୀମାନେ ଛୋଟିଆ ଛୋଟିଆ ନମୁନା ଜରିଆରେ ବିସ୍ମୟ ସୃଷ୍ଟିକରିବାରେ ସମର୍ଥ । ସେଥିପାଇଁ ଅନୁସନ୍ଧିତ୍ସା ମନୋଭାବ ରହିବା ଆବଶ୍ୟକ । ଛୋଟବେଳେ ଯଦି ବିଜ୍ଞାନରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ହେବ, ତେବେ ଆଗାମୀ ଦିନରେ ତାହାର ସୁଫଳ ମିଳିବ ବୋଲି ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୫୨ତମ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ଆଜି ଉଦ୍‌ଯାପନୀ ସଭାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।

ସ୍ଥାନୀୟ ଡିଏନ ହାଇସ୍କୁଲ ଠାରେ ଚାଲିଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀର ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧକ୍ଷତାରେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଆଜି ମୁଁ ମୋ ସାମ୍ନାରେ ଭବିଷ୍ୟତର ସି.ଭି. ରମଣ, ହରଗୋବିନ୍ଦ ଖୁରାନା, ଡ. ହୋମି ଜାହାଙ୍ଗିର ଭାବା, ଜଗଦୀଶ ଚନ୍ଦ୍ର ବୋଷ, ଡ. ସ୍ୱାମୀନାଥନ୍, ଡ. ଏ.ପି.ଜେ. ଅବଦୁଲ କାଲାମ, ପ୍ରାଣକୃଷ୍ଣ ପରିଜାମାନଙ୍କୁ ଦେଖିପାରୁଛି । ଛାତ୍ରଛାତ୍ରୀମାନେ ଏ ଦେଶର ଭବିଷ୍ୟତ । ଏ ଦେଶକୁ ସଶକ୍ତ, ସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଦାୟିତ୍ୱ ଛାତ୍ରଛାତ୍ରୀଙ୍କ ଉପରେ ରହିଛି ।

ସେ କହିଥିଲେ, ମହାକାଶ ଗବେଷଣା, ପ୍ରତିରକ୍ଷା, ଟେଲି ଯୋଗାଯୋଗ ପ୍ରତିଟି କ୍ଷେତ୍ରରେ ଆମ ଦେଶର ବୈଷୟିକ ଜ୍ଞାନକୌଶଳ ଶ୍ରେଷ୍ଠ ଭାବେ ପ୍ରତିପାଦିତ ହେବାରେ ଲାଗିଛି । ଆଜି ଆମେ ପ୍ରତିରକ୍ଷା କ୍ଷେତ୍ରରେ ବେଶ୍ ସୁଦୃଢ଼ । ଆମର ନିଜସ୍ୱ ଜ୍ଞାନ କୌଶଳରେ ଅଗ୍ନି, ପୃଥ୍ୱୀ, ନାଗ, ବ୍ରହ୍ମୋସ, ଆକାଶ, ପିନାକ୍ ଭଳି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳତା ପାଇଛୁ । ମାନବ ବିହୀନ ଉଡ଼ାଜାହାଜରୁ କ୍ଷେପଣାସ୍ତ୍ର ପରିବହନ ହେଉ ବା ସମୁଦ୍ରର ଅତଳ ଗର୍ଭରୁ ବୁଡ଼ାଜାହଜରୁ ଟର୍ପେଡୋ ଲଂଚ କରିବା ହେଉ ସବୁ ଆମ ବୈଜ୍ଞାନିକମାନେ ସମ୍ଭବ କରି ଦେଖାଇ ପାରିଛନ୍ତି । ଏହି ସଫଳତା ଆମର ଦକ୍ଷତା ଓ ଶକ୍ତିର ପ୍ରଦର୍ଶନ କରେ । ସେ କହିଥିଲେ, ଛୋଟ ଛୋଟ ନମୁନା ମାଧମର ଛାତ୍ରଛାତ୍ରୀମାନେ ବିସ୍ମୟ ସୃଷ୍ଟି କରିବାରେ ସମର୍ଥ । ଅନୁସନ୍ଧିତ୍ସୁ ମନୋଭାବ ନୂତନ ସୃଷ୍ଟିର ସମ୍ଭାବନାକୁ ଜନ୍ମ ଦେଇଥାଏ । ଆମ ମଧ୍ୟରେ ପ୍ରତ୍ୟେକ କଥାକୁ ବୁଝିବାର ଏବଂ ଏହାର ମୂଳରେ ପହଂଚିବାର ଉନ୍ମାଦନା ହିଁ ଆମକୁ ନୂଆନୂଆ ଆବିଷ୍କାର ଓ ଉଦ୍‌ଭାବନ ଆଣିଦେଇଛି । ଏଣୁ ତୁମମାନଙ୍କ ମନରେ ସବୁବେଳେ ନୂଆ କିଛି କରିବାର ପ୍ରବଣତା ରହିବା ଦରକାର । ଆଜି ଟେଲି ଯୋଗାଯୋଗ କ୍ଷେତ୍ରରେ ଯେଉଁ ଉନ୍ନତି ଦେଖାଦେଇଛି ତାହା କଳ୍ପନାତୀତ । ଗାଆଁରେ ରହୁଥିବା ଲୋକମାନେ ବି ଆଜି ଇଂଟରନେଟ୍‌ର ଉପଯୋଗ କରିପାରୁଛି । ଆଜିର ଯୁଗ ସୂଚନା ପ୍ରଯୁକ୍ତିର ଯୁଗ ପାଲଟିଛି । ଯାହାପାଖରେ ଯେତେ ଅଧିକ ସୂଚନା ରହିଛି ସେ ସେତିକି ଶକ୍ତିଶାଳୀ । ପ୍ରତିଟି ମଣିଷ ଆଜି ମୋବାଇଲର ସେବା ପାଇପାରୁଛି । ମୋବାଇଲ୍ ମାଧମରେ ଘରେ ବସି ରେଳ ଟିକଟ କିଣି ପାରୁଛୁ । ଟ୍ରେନ୍‌ର ସମୟ ଠାରୁ ବିଶ୍ୱର ବିଭିନ୍ନ ବିଷୟରେ ଅବଗତ ହୋଇପାରୁଛି । ସେ କହିଥିଲେ, ବିଜ୍ଞାନକୁ ଆମର ବିକାଶ କ୍ଷେତ୍ରରେ କିପରି ବିନିଯୋଗ କରାଯାଇ ପାରିବ ସେଥିପାଇଁ ଉଦ୍ୟମ କରାଯିବା ଉଚିତ । ମଣିଷ ଜୀବନର ମାନରେ ଉନ୍ନତି ଆଣିବ ପାଇଁ ବିଜ୍ଞାନର ଯଥେଷ୍ଟ ଗୁରୁତ୍ୱ ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ବହୁ କ୍ଷେତ୍ରରେ ବିଜ୍ଞାନର ଗୁରୁତ୍ୱ ରହିଛି । ଜୀବନକୁ ସରସ ସୁନ୍ଦର କରିବାକୁ ବିଜ୍ଞାନର ଅବଦାନକୁ ଉପେକ୍ଷା କରିହେବ ନାହିଁ । ତେଣୁ ତୁମେମାନେ ସର୍ବଦା ବିକାଶର ବିଜ୍ଞାନ କଥା ଚିନ୍ତା କର ବିନାଶର ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଲେଇପଜିଗ ବିଶ୍ୱବିଦ୍ୟାଳୟ ଜର୍ମାନୀରେ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡକ୍ଟର ଶିବାଶିଷ ଗିରି ଯୋଗ ଦେଇ ସାଂପ୍ରତିକ ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ଏହାର ସୁବିନିଯୋଗକୁ ଗୁରୁତ୍ୱାରୋପ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ବାଲ ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବା ସହ ଗବେଷଣାରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ବିଜ୍ଞାନ ମନସ୍କ ହେବା ପାଇଁ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଏନ୍.ସି.ଇ. ଆର୍.ଟି.ର ଆସୋସିଏଟ୍ ପ୍ରଫେସର ଡକ୍ଟର ଅରୁଣ ପ୍ରତାପ ସିକରୱାର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱରର ସହ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟ ନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ, ଡି.ଏନ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ୭ଟି ବିଭାଗରୁ ୪ ଜଣ ଲେଖାଏଁ ମୋଟ ୨୮ ଜଣ ବାଲ ବୈଜ୍ଞାନିକଙ୍କୁ ଜୋନାଲ ସ୍ତର କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ନିଜ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିବା ପାଇଁ ମନୋନୀତ କରାଯାଇଛି । ଏହି ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ସଫଳ କରାଇବାରେ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ସମସ୍ତ କମିଟିର ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ । ସମୟଶ୍ରୀ ଚାଟାର୍ଜୀ ମଂଚ ସଂଚାଳନ କରିଥିଲେ । ଶେଷରେ ଡି.ଏନ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଜନଜାତି କ୍ରୀଡା ପ୍ରତିଯୋଗିତା ଡଃ ଆମ୍ବେଦକର ଷ୍ଟାଡିୟମରେ ଆରମ୍ଭ

ବଲାଙ୍ଗିର,୨୯/୧୨ (ନି.ପ୍ର): ୨୭ ତାରିଖ ଶନିବାର ବଲାଙ୍ଗୀର ଜିଲ୍ଲା ସଦର ମହକୁମା ସ୍ଥିତ ଡଃ. ଆମ୍ବେଦକର ଷ୍ଟାଡିୟମରେ ବନବାସୀ କଲ୍ୟାଣ ଆଶ୍ରମ, ଓଡ଼ିଶା ଦ୍ୱାରା ଆୟୋଜିତ ୨୮ତମ ଜନଜାତି କ୍ରିଡା ପ୍ରତିଯୋଗିତା ର ଶୁଭ ଉଦଘାଟନ ଦିନ ୧୧ ଟା ସମୟରେ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହ ଦେଓ ଏବଂ ମୁଖ୍ୟ ବକ୍ତା ଡ଼. ପୁରୁଷୋତମ ଅଗ୍ରୱାଲ (ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ) କଲ୍ୟାଣ ଆଶ୍ରମ ର ପ୍ରାନ୍ତ କାର୍ଯକାରିଣୀ ଅଧକ୍ଷ ତଥା ଅନ୍ୟ ପଦାଧିକାରିଙ୍କର ଦ୍ୱାରା ଉଦଘାଟିତ ହୋଇଯାଇଛି । ୧- ମୁଖ୍ୟ ଅତିଥି ଶ୍ରୀମତୀ ସିଂହ ଦେଓ କଲ୍ୟାଣ ଆଶ୍ରମ ର କାର୍ଯକୁ ପ୍ରଶଂସା କରିବା ସହିତ ଜନଜାତି ସମାଜର କ୍ରିଡା ଦକ୍ଷତା ବିକାଶ ଦିଗରେଏହି ପ୍ରତିଯୋଗିତା ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ । ମୁଖ୍ୟବକ୍ତା ଡ଼.ଅଗ୍ରୱାଲ ତାଙ୍କ ମନମୁଗ୍ଧକର ବକ୍ତବ୍ୟ ରେ ଖେଳାଳି ମାନଙ୍କର କ୍ରିଡା ପ୍ରତିଭା ବିକାଶ କରି, ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବାରେ ବନବାସୀ କଲ୍ୟାଣ ଆଶ୍ରମ ସଫଳ ହୋଇ ଆସିଥିବା ଇତିହାସ ସମସ୍ତଙ୍କୁ ସ୍ମରଣ କରାଇଥିଲେ । ଉପସ୍ଥିତ ନଗର ବାସୀଙ୍କୁ ରାମ ଭକ୍ତ ଜନଜାତି ସମାଜର ଉତଥାନ ପାଇଁ ତନ, ମନ,ଧନ ଅର୍ପଣ କରିବା ନିର୍ମିତ ଆହ୍ୱାନ କରିଛନ୍ତି ।

କଲ୍ୟାଣ ଆଶ୍ରମ ର ପ୍ରାନ୍ତ ସଂପାଦକ ଶ୍ରୀ ଲକ୍ଷ୍ମୀଧର ବେହେରା ସଭାକାର୍ଯ ପରିଚାଳନା କରିଥିବା ବେଳେ ସାଧାରଣ ସଂପାଦକ ଶ୍ରୀ ଚନ୍ଦ୍ରକାନ୍ତ ନାଥ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ କ୍ରିଡା ପ୍ରତିଯୋଗୀତାରେ ୧୯ ଟି ଜନଜାତି ବହୁଳ ଜିଲ୍ଲାରୁ ୩୭୫ଜଣ ବାଳକ ବାଳିକା ଯୋଗ ଦାନ କରିଛନ୍ତି । ତିରନ୍ଦାଜ, ଖୋ-ଖୋ ଓ କବାଡି ଆଦି ଖେଳ ଉଭୟ ଜୁନିୟର ଓ ସୁବକୁନୀୟର ବର୍ଗରେ ଦୁଇଦିନ ଧରି ଚାଲିବ । ଅନ୍ୟ ମାନଙ୍କ ମଧ୍ୟରେ ଅଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ର ସହ କ୍ରୀଡା ପ୍ରମୁଖ ପଙ୍କଜ ସିଂ, (ଗୋରଖପୁର) ସଂଘର ପ୍ରାନ୍ତ କାର୍ଯକରିଣୀ ସଦସ୍ୟ ବିଷ୍ଣୁ ପାତ୍ର, ଇଂ.ମଗନ ଲାଲ ଅଗ୍ରୱାଲ,କଲ୍ୟାଣ ଆଶ୍ରମ ବଲାଙ୍ଗୀର ନଗର ସଭାପତି ରବି କୁମାର ଅଗ୍ରୱାଲ, ସଂପାଦକ ମୁକେଶ କୁମାର ଅଗ୍ରୱାଲ ,କାର୍ଯକ୍ରମ ସଂଯୋଜକ ମହେନ୍ଦ୍ର କୁମାର ଅଗ୍ରୱାଲ ,କୋଷାଧକ୍ଷ୍ୟ ସୁନିଲ ଅଗ୍ରୱାଲ ଙ୍କ ସମ୍ପୂର୍ଣ ସମିତି ର କାର୍ଯକର୍ତା ମାନେ ଉପସ୍ଥିତ ଥିଲେ ।

ମୁଖ୍ୟ କ୍ରିଡା ଶିକ୍ଷକ ଭାବରେ ଅଭିଜ୍ଞ ଖେଳ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ରଞ୍ଜନ ମାହାକୁଡ, ଶଶିଭୂଷଣ ମହାକୁଡ ପ୍ରାଣବନ୍ଧୁ ରାଉତ ଉଦିତ ନାରାୟଣ ଦେଓ, ଭଗବାନ ଚାଲାଣ, ନିତ୍ୟାନଂଦ ରଣା, ପ୍ରଭୁତ ଖେଳ ପରିଚାଳନା କରୁଛନ୍ତି ।

ପ୍ରାନ୍ତ ସହ ମହିଳା ପ୍ରମୁଖ ଶ୍ରୀମତୀ ଗୀତାଞ୍ଜଳୀ ଭୋଇ,ଅନ୍ୟ ମହିଳା କାରଜ୍ୟ କର୍ତ୍ତା ସୁଶ୍ରୀ ରମାଦେବୀ ଜାନୀ,ବାସନ୍ତୀ ଘୁଟା,ଉର୍ମିଳା ଭୋଇ,ପଙ୍କଳିନୀ ଦଳାଇ, ଶ୍ରୀମତି ବୀଣାପାଣି ସ୍ୱାଇଁ ଆଦି ବ୍ୟବସ୍ଥା ଖେଳ ପରିଚାଳନାରେ ସହଯୋଗ କରିଛନ୍ତି । ସଶକ୍ତ ସମୃଦ୍ଧ ଜନଜାତି ଅଗ୍ରଣୀ ଭୂମିକା ନିଭାଇବା ଦୃଷ୍ଟିରୁ ପ୍ରତି ବର୍ଷ ର କ୍ରୀଡା ପ୍ରତିଯୋଗିତା ନିଭାଇ ଆସିଛୁ ।

# ବରିଷ୍ଠ ନାଗରିକ ମଂଚ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୯/୧୨ (ନି.ପ୍ର): କେନ୍ଦ୍ରାପଡା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକର୍ତା ମଣ୍ଡଳୀଙ୍କ ମାସିକ ସାଂଗଠନିକ ଓ ଆଗାମୀ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତମ ଜେନା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ସାଂଗଠନିକ ଅଭିବୃଦ୍ଧି ଓ ଆଗାମୀ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାର ସଫଳତା କାମନା କରିଥିଲେ । ସଭାପତି ଶ୍ରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ବରିଷ୍ଠ ଉପଦେଷ୍ଟା ଡ. ଶରତ ଚନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ସୁଆର ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାୟ ପ୍ରତିଦିନ ଘଟି ଚାଲିଥିବା ବିଭିନ୍ନ ଅସାମାଜିକ କଳଙ୍କିତ କାର୍ଯ୍ୟକଳାପ ଯଥା ନାରୀ ନିର୍ଯ୍ୟାତନା, ନାରୀ ହତ୍ୟା, ଧର୍ଷଣ, ଆତ୍ମହତ୍ୟା ସହ ବିଭିନ୍ନ ସ୍ତରରେ ଦୁର୍ନୀତି, ଭ୍ରଷ୍ଟାଚାର ଆଦି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପ୍ରତି ଘୋର କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଛି । ଏ ସମସ୍ତ ଅପସଂସ୍କୃତି ଓ ନୀନ୍ଦନୀୟ ଘଟଣା ପ୍ରତି ଯଥେଷ୍ଟ ସଚେତନତା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରହଲ୍ଲାଦ ମଲ୍ଲ, ଯୁଗ୍ମସମ୍ପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ବରିଷ୍ଠ ସଭ୍ୟ ଅଦ୍ୱୈତ କୁମାର ଦାସ, ଡ. ଉପେନ୍ଦ୍ର କୁମାର ପ୍ରଧାନ, କିଶୋର ଚନ୍ଦ୍ର ପରିଡା, ବୈଷ୍ଣବ ଚରଣ ପ୍ରଧାନ, ଶୈଳେନ୍ଦ୍ର କୁମାର ମହାନ୍ତି, ଜଗମୋହନ ହୋତା, ନିରଞ୍ଜନ ପରିଡା, ପ୍ରସନ୍ନ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଫେବୃଆରୀରେ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହାପୂର୍ବରୁ ସଂଗଠନର ସମସ୍ତ କର୍ମକର୍ତା, ଉପଦେଷ୍ଟାମଣ୍ଡଳୀ ଓ ସଦସ୍ୟମାନେ ସେମାନଙ୍କ ବାର୍ଷିକ ଦେୟ କାର୍ଯ୍ୟାଳୟରେ ପୈଠ କରିବାକୁ ପରାମର୍ଶ ଦିଆଯାଇଥିଲା । ଆସନ୍ତା ଜାନୁଆରୀମାସ ୨୬ ତାରିଖରେ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନରେ ଯୋଗଦେବା ପାଇଁ ଅନୁରୋଧ କରାଗଲା । ବରିଷ୍ଠ ସଭ୍ୟ ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବିଭିପି ଓଡ଼ିଶା ପୂର୍ବର ଐତିହାସିକ ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ଉଦ୍‌ଯାପିତ

ଭଦ୍ରକ,୨୯/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବର ଐତିହାସିକ ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ସଂଗ୍ରାମୀ ମାଟି ଭଦ୍ରକଠାରେ ତିନିଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ୨୩ଟି ସାଂଗଠାନିକ ଜିଲ୍ଲାର ୭୮ଟି କ୍ୟାମ୍ପସରୁ ୫୫୦ରୁ ଊର୍ଦ୍ଧ୍ୱ ଛାତ୍ରନେତା ମାନେ ଏହି ଅଧିବେଶନରେ ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ରାଜ୍ୟ ଅଧିବେଶନ ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାସ,ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ ଏବଂ ଅନ୍ୟ ଅତିଥି ମାନଙ୍କ ଗରିମାମୟ ଉପସ୍ଥିତିରେ ଉଦଘାଟିତ ହେଇଥିଲା । ଏହି ଅଧିବେଶନରେ ଶିକ୍ଷା ,ସାମାଜିକ ଏବଂ ଆହ୍ୱାନ ପ୍ରସ୍ତାବ ଆଗତ କରାଯାଇଥିଲା ।ଶିକ୍ଷା ପ୍ରସ୍ତାବରେ ରାଜ୍ୟରେ ଦେଖା ଯାଉଥିବା ଅନିୟମିତ ପରୀକ୍ଷା ପରିଚାଳନା, ପ୍ରବେଶ ପରୀକ୍ଷା, ଏବଂ ପରିଣାମ ବହାରିବାରେ ବିଳମ୍ୱ ବିଷୟ ସ୍ଥାନ ପାଇବା ସହିତ, ରାଜ୍ୟରେ ବିଏଡ୍ ଏବଂ ଏମେଡ ଶିକ୍ଷା ନିମନ୍ତେ ପ୍ରର୍ଯ୍ୟାପ୍ତ ମହାବିଦ୍ୟାଳୟ ଖୋଲା ଯାଇ,ସିଟ୍ ବୃଦ୍ଧି କୁ ସ୍ଥାନ ଦିଆଯାଇଥିଲା ।ତତ୍ ସହିତ ରାଜ୍ୟରେ ଖେଳ ର ଭିତିଭୂମି ସୁଦୃଢ କରି କ୍ରୀଡା ବିଶ୍ୱବିଦ୍ୟାଳୟ,କୃଷି ବିଦ୍ୟାର୍ଥୀ ଏବଂ କୃଷକଙ୍କ ସମନ୍ୱୟ କୁ ସୁଦୃଢ କରିବା ନିମନ୍ତେ କୃଷି ବିଶ୍ୱବିଦ୍ୟାଳୟ ଏବଂ ଜନଜାତି ବିଦ୍ୟାର୍ଥୀଙ୍କ ବିକାଶ ଦୃଷ୍ଟିରେ ରଖି ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ ମଧ ଏଥିରେ ସ୍ଥାନିତ ହୋଇଅଛି । ସେଲ୍ଫ ଫାଇନେସିଂ କୋର୍ସ ଉପରେ ନିୟନ୍ତ୍ରଣ ରଖିବା ସହିତ ସମସ୍ତ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ କରିବା ମଧ ପ୍ରସ୍ତାବ ଆଗତ କରାଯାଇଛି ।ଠିକ୍ ସେହିପରି ଇଞ୍ଜିନିଅରିଂ ଏବଂ ମେଡିକାଲ ଶିକ୍ଷାରେ ଅଧାପକ ନିଯୁକ୍ତି, ଭିତିଭୂମିର ବିକାଶ ମଧ ଆବଶ୍ୟକତା ରହିଛି । କଲେଜ୍ ଜମି କଲେଜ୍ ନାମରେ କରି , ଭଙ୍ଗ ହେଇଥିବା ଗଭାର୍ଣିଂ ବଡି କୁ ଅଣ ରାଜନୈତିକ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ପୁନଃ ଗଠନର ପ୍ରସ୍ତାବ ମଧ ଆସିଛି । ସେହିପରି ସାମାଜିକ ସ୍ଥିତିରେ ରାଜ୍ୟରେ ବୃଦ୍ଧି ହେଉଥିବା ସମସ୍ତ ସାମାଜିକ ଅପରାଧିକ କାର୍ଯ୍ୟକଳାପରେ ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ହି ସଂଶ୍ଳିଷ୍ଟ ବୋଲି ଆଜି ହୃଦଙ୍ଗମ ହେଉଛି ।ସେଥି ନିମନ୍ତେ ରାଜ୍ୟରେ ଏସଆଇଆରକୁ କଡାକଡି ଭାବରେ ଲାଗୁ କରାଯାଇ, ବାଂଲାଦେଶୀ ଅନୁପ୍ରବେଶକାରୀ ମୁକ୍ତ ଓଡ଼ିଶାର ଆହ୍ୱାନ ଦିଆଯାଇଛି । ନାବାଳିକା ତସ୍କରି ଏବଂ ନିଶାଦ୍ରବ୍ୟ ମୁକ୍ତ ଓଡ଼ିଶାର ଆହ୍ୱାନ ଆଜି ଡାକରା ଦିଆଯାଇଛି । ସେହିଭଳି ଆହ୍ୱାନ ପ୍ରସ୍ତାବରେ ରାଜ୍ୟର ଯୁବ ସମାଜ କୁ ସ୍କ୍ରିନ୍ ଟାଇମ୍ ଟୁ ଗ୍ରୀନ ଟାଇମ୍ ପ୍ରତି ଆକର୍ଷିତ କରାଇ ସମାଜ ପ୍ରତି ତାଙ୍କ କର୍ତବ୍ୟ ଦିଗରେ ଅଗ୍ରସର ନିମନ୍ତେ ଆଗ୍ରହ ପ୍ରକାଶ କରାଯାଇଛି । ଏହି ଅଧିବେଶନରେ ଆଗାମୀ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ଏଥିରେ ଶିକ୍ଷା,ସୁରକ୍ଷା,ଏବଂ ସାମାଜିକ ସ୍ଥିତିକୁ ନେଇ ଜିଲ୍ଲା ସମ୍ମିଳନୀ ଜାନୁଆରୀ, ଫେବୃଆରୀ ମାସରେ ୨୦୦୦ ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କ ଉପସ୍ଥିତିରେ ପ୍ରତି ଜିଲ୍ଲାରେ ହେବା ନିମନ୍ତେ ଘୋଷଣା ହେଇଛି ।ତତ୍ ସହିତ ଜାନୁଆରୀ ୧୨ରୁ ୨୩ ଜାନୁଆରୀ ରେ ଯୁବ ମହୋତ୍ସବ ପାଳନ କରିବା ସହିତ ନଗର ଖେଳ କୁମ୍ଭ ଆୟୋଜନର ଘୋଷଣା କରାଯାଇଛି । ଏହି ଅଧିବେଶନରେ ଭଦ୍ରକ ଜିଲ୍ଲାରୁ ୮ଜଣ ଛାତ୍ର ନେତାଙ୍କୁ ରାଜ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି ।ସେଥିରେ ରାଜ୍ୟ ସହ ସମ୍ପାଦକ ଭାବରେ ଛାତ୍ରନେତା ଅଭିଳାଷ ତ୍ରିପାଠୀ, ମିଡ଼ିଆ ରାଜ୍ୟ ସହ ସଂଯୋଜକ ଭାବେ ଛାତ୍ର ନେତା ଓଁକାର ମହାନ୍ତି,ରାଜ୍ୟ ସାମାଜିକ ଗଣମାଧ୍ୟମ ସହ ସଂଯୋଜକ ଭାବେ ଦେବୀ ପ୍ରସାଦ ଦାସ,ରାଷ୍ଟ୍ରୀୟ କଳା ମଂଚ ରାଜ୍ୟ ସହ ସଂଯୋଜିକା ଭାବେ ସୁଶ୍ରୀ ଗୌତମୀ ପାଢ଼ୀ, ଫାର୍ମାଭିଜନ ରାଜ୍ୟ ସହ ସଂଯୋଜକ ଭାବେ ସତ୍ୟବ୍ରତ ପଣ୍ଡା, ଖେଲୋ ଭାରତ ସହ ସଂଯୋଜକ ଭାବେ ଆୟୁଷ ପାଣିଗ୍ରାହୀ, ଏସ ଏଫ୍ ଡି ରାଜ୍ୟ ସହ ସଂଯୋଜକ ଭାବେ ଗୌରାଙ୍ଗ ବଳ, ଏସଏଫଏସ ସହ ସଂଯୋଜକ ଭାବେ ସାଗର ମଣ୍ଡଳ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହିମାଂଶୁ ମହାରଣା, ଗୋପୀ କ୍ରିଷ୍ଣା ବାରିକ, ପୁଷ୍ପାଞ୍ଜଳି ଘଡାଇ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦିକା ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ, ରାଜ୍ୟ ସାମାଜିକ ଗଣମାଧ୍ୟମ ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ରାଜ୍ୟ ଫାର୍ମାଭିଜନ ସହ ସଂଯୋଜକ ସତ୍ୟବ୍ରତ ପଣ୍ଡା, ରାଜ୍ୟ ରାଷ୍ଟ୍ରୀୟ କଳା ମଂଚ ସହ ସଂଯୋଜକ ସୁଶ୍ରୀ ଗୌତମୀ ପାଢ଼ୀ, ରାଜ୍ୟ ଗଣମାଧ୍ୟମ ସହ ସଂଯୋଜକ ତଥା ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଜ୍ୟୋତିପ୍ରକାଶ ସାହୁ ବିଶେଷ ଭାବେ ଉପସ୍ଥିତ ଥିଲେ । ତତସହିତ ଏସଏଫଡି ରାଜ୍ୟ ସହ ସଂଯୋଜକ ଗୌରାଙ୍ଗ ବଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପୀ କ୍ରୀଷ୍ଣା ବାରିକ, ନଗର ସମ୍ପାଦକ କାହ୍ନା ଜେନା, ଶ୍ରୀତମ ସାମଲ, ବିକାଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୯/୧୨ (ନି.ପ୍ର): ସ୍ୱର୍ଣ୍ଣଚୂଡ଼ ସାହିତ୍ୟପରିବାରର ସପ୍ତମ ବାର୍ଷିକ ସମାରୋହ ସହ ରାଜ୍ୟସ୍ତରୀୟ ପାଠଚକ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧକ୍ଷଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବର ଉଦଘାଟନୀ ପର୍ଯ୍ୟାୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ନୀଳଗିରିର ଲୋକପ୍ରିୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ମୁଖ୍ୟବକ୍ତା ଭାବରେ ଓଡ଼ିଶାର ବିଶିଷ୍ଟ ସମାଲୋଚକ ପ୍ରଫେସର ବୈଷ୍ଣବଚରଣ ସାମଲ ଓ ପାଠଚକ୍ରର ଭିତ୍ତିପ୍ରବନ୍ଧ ଉପସ୍ଥାପକ ଭାବରେ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇଥିଲେ । ଉକ୍ତ ଆସରରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥିମାନଙ୍କୁ ମଞ୍ଚଆହ୍ୱାନ ଓ ପରିଚୟ ପ୍ରଦାନସହ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୬୫ ଟି ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବାବେଳେ ପରିବାରରେ ୮୬୫ ସକ୍ରିୟ ସଦସ୍ୟ ଥିବାକଥା ବିବରଣୀ ମାଧ୍ୟମରେ ପ୍ରକାଶ କରିଥିଲେ ।ସେହିପରି ରେମୁଣା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ତ୍ରିଲୋଚନ ସାହୁ ସଭାପରିଚାଳନା ଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରହ୍ଲାଦ ଖିଲ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଣ୍ଣଚୂଡ - ୨୦୨୫ ପୁସ୍ତକ ଉନ୍ମୋଚନ ହୋଇଥିଲା । ଅନୁରୂପ ଭାବରେ ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ୍ ବୈଷୟିକ ଅଧିବେଶନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନଟବର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଆଲୋଚକଭାବରେ ଓଡ଼ିଆ ସାରସ୍ୱତ ଜଗତର ବିଶିଷ୍ଟ ସମାଲୋଚକ ପ୍ରଫେସର ବାବାଜୀଚରଣ ପଟ୍ଟନାୟକ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ଯୋଗଦାନକରି ଆଲୋଚନା ରଖିଥିବାବେଳେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ.ଅକ୍ଷୟ କୁମାର ପାଣିଗ୍ରାହୀ, ଜଗନ୍ନାଥ ଡ଼ିଗ୍ରୀମହାବିଦ୍ୟାଳୟର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ଓ ଗବେଷିକା ଅଲିଭା ଘୋଷ ପ୍ରବନ୍ଧପାଠ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ସ୍ୱର୍ଣ୍ଣଚୂଡ ପରିବାର ତରଫରୁ ନୀଳଗିରିର ସ୍ୱର୍ଗତ କବି ସତ୍ୟନାରାୟଣ ନନ୍ଦ ପ୍ରହରାଜଙ୍କୁ ମରଣତ୍ତୋର ନୀଳଗିରି ରତ୍ନ ସମ୍ମାନର,ବାଲେଶ୍ୱରର ବର୍ଷୀୟାନ ସାହିତ୍ୟିକ ପ୍ରଫେସର ରମାକାନ୍ତ ବେହେରାଙ୍କୁ ବାଲେଶ୍ୱର ରତ୍ନ ସମ୍ମାନ, ପ୍ରଫେସର ନଟବର ଶତପଥୀଙ୍କୁ ସ୍ୱର୍ଣ୍ଣଚୂଡ ସାହିତ୍ୟ ସମ୍ମାନ, ଶିକ୍ଷାବିତ୍ ବିନୋଦ ବିହାରୀ ପଣ୍ଡାଙ୍କୁ ନୀଳଗିରିଗୌରବ ସମ୍ମାନ, ଡ. କୁମାର ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତିସାରଥୀ ସମ୍ମାନ, ମୟୂରଭଞ୍ଜର ଆଦର୍ଶ ଶିକ୍ଷାବିତ୍ ଶ୍ରୀଯୁକ୍ତ ଦେବେନ୍ଦ୍ର ପଣ୍ଡାଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଶ୍ରୀଯୁକ୍ତ ଦେବେନ୍ଦ୍ର ବାରିକଙ୍କୁ 'ବାଣୀଭଣ୍ଡାର ସୁରକ୍ଷା ସମ୍ମାନ ' , ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ସ୍ୱର୍ଣ୍ଣଚୂଡ ସେବା ସମ୍ମାନରେ ଅତିଥିଗଣ ସମ୍ମାନିତ କରିଥିଲେ । ଉକ୍ତ ଉତ୍ସବରେ ସମଗ୍ର ଓଡିଶାରୁ ବହୁ ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିବାବେଳେ ସାହିତ୍ୟ ଅନୁରାଗୀ ମଧ୍ୟ ଯୋଗଦାନ କରିଥିଲେ । ଶେଷରେ ପରିବାରର ସମ୍ପାଦକ ଡ. ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଏପରି କାର୍ଯ୍ୟକ୍ରମକୁ କୁଳପତିଙ୍କ ସହ ବିଧାୟକ ଓ ଅନ୍ୟ ବରେଣ୍ୟ ପ୍ରଫେସରଗଣ ଭୂୟସୀ ପ୍ରଶଂସା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦୂରଗାମୀ ଗାଇଡେଡ୍ ...

ଡିଜାଇନ୍ କରାଯାଇଛି। ଆଇଟିଆର ଏବଂ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ୍ ଏଷ୍ଟାବ୍ଲିସମେଣ୍ଟର ସମନ୍ୱୟରେ ଏହି ଫ୍ଲାଇଟ ଟେଷ୍ଟ କରାଯାଇଥିଲା। ଏଲଆରଜିଆରକୁ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପିନାକା ଲଞ୍ଚର୍ ରୁ ଉତକ୍ଷେପଣ କରାଯାଇଥିଲା ଯାହା ଏହାର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲା। ଏହାଦ୍ୱାରା ଗୋଟିଏ ଲଞ୍ଚରରୁ ହିଁ ଭିନ୍ନ ଭିନ୍ନ ରେଞ୍ଜର ପିନାକ ଭେରିଏଣ୍ଟକୁ ଲଞ୍ଚ କରିବାର କ୍ଷମତା ମିଳିଥିଲା। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓକୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟର ସଫଳ ଡିଜାଇନ୍ ଏବଂ ବିକାଶ ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବ। ସେ ଏହାକୁ ଏକ ଯୁଗାନ୍ତକାରୀ ଉପଲବ୍ଧି ରୂପେ ଅଭିହିତ କରିଛନ୍ତି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ପରୀକ୍ଷଣ ଦେଖିଥିଲେ ଏବଂ ମିଶନ ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଥିଲେ।

### ଭୂତ ଚାଷୀଙ୍କୁ ...

ତେବେ କେମିତି ଏତେ ଜମି ବଢିଲା ? ତାହାକୁ ସନ୍ଦେହ କରି ତନାଘନା କରିଥିଲେ ସରକାର । ସେପଟେ ବିଜେଡିର ଅଭିଯୋଗ, ସରକାର ଭୁଆଁ ବୁଲାଉଛନ୍ତି । ସର୍ଭେ ଅନୁସାରେ, ଗତ ଜୁଲାଇ ମାସରେ ରାଜ୍ୟରେ ୨ ଲକ୍ଷ ୭୩ ହଜାର ନକଲି ଚାଷ ପ୍ଲଟ୍ ଥିବାନେଇ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା । ବାଲେଶ୍ୱରରେ ସର୍ବାଧିକ ୫୦ ହଜାର ଓ ବରଗଡ଼ରେ ୩୮ ହଜାର ନକଲି ପ୍ଲଟ୍ ଥିବା ଜଣାପଡିଥିଲା ।

### ସିବିଆଇ ଚାର୍ଜସିଟରେ....

କରିବା ସହ ୭ ଜଣକୁ ସମନ ଜାରି କରିଥିଲା ସିବିଆଇ । ସେମାନଙ୍କୁ ମୁହାଁମୁହିଁ ବସାଇ ଜେରା କରିଥିଲା । ଆଗକୁ ଦେଖିବାର କଥା ଯେ ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବ ତ ସିବିଆଇ ? ରାଜନୈତିକ ଲିଙ୍କର ଖୋଳତାଡ଼ କରିବ ନା ତଳିଆଙ୍କ ପାଖରେ ଅଟକିଯିବ ତଦନ୍ତ ।

### ଜିରୋ ନାଇଟ୍ ...

ପୁଲିସ ପୋଷ୍ଟଗୁଡ଼ିକୁ ସଜାଗ ରହିବାକୁ କୁହାଯାଇଛି। ଏନେଇ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ନିର୍ଦ୍ଦେଶାବଳୀ ଅନୁଯାୟୀ, ଜୋନ୍ ୱାରି ତଦାରଖ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା କରାଯିବ। ଏଡିସିପି ସୁନାରାମ ଲେଦ୍ରେମଙ୍କୁ ଜୋନ୍ ୧ ଏବଂ ୨ ତଦାରଖ ଦାୟିତ୍ୱ ମିଳିଥିବାବେଳେ ସଞ୍ଜୟ କୁମାର ମହାପାତ୍ରଙ୍କୁ ଜୋନ୍ ୩, ଆରତୀ ଗିରିଙ୍କୁ ଜୋନ୍ ୪ ଏବଂ ସୁବ୍ରତ କୁମାରଙ୍କୁ ଜୋନ୍ ୫ ଏବଂ ୬ର ଦାୟିତ୍ୱ ଦିଆଯାଇଛି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଦୁଇଦିନିଆ ମୟୂରଭଞ୍ଜ ଗସ୍ତ

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଲାପଟପ ଓ ଛାତ୍ରବୃତ୍ତି ବଣ୍ଟନ

## ଆଗାମୀ ୩ବର୍ଷ ଭିତରେ ରାଜ୍ୟରେ ୪୫ହଜାର ଶିକ୍ଷକ ପଦବୀ ପୂରଣ ହେବ



ବାରିପଦା , ୨୯/୧୨ (ନି.ପ୍ର): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ଶନିବାର ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଓ ଉଦଳା ଉପଖଣ୍ଡର ବିଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ବାରିପଦା ସର୍କିଟ ହାଉସ ଠାରେ ରାତ୍ରୀଯାପନ କରିଥିଲେ। ଆଜି ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଥିବା ୭ ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଲାପଟପ ବଣ୍ଟନ କରିବା ସହ ଜଣଙ୍କୁ ୫୦ହଜାର ଟଙ୍କାର ବୃତ୍ତି ରାଶି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ରାଜ୍ୟରେ ବିଜେପି ସରକାର ଆସିବା ପରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଶିକ୍ଷକ ଅଭାବ ପୂରଣ ପାଇଁ ସରକାର ପ୍ରୟାସ ଜାରି ରଖିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୬୮ଜଣ ସିବିଜେଡ ଶିକ୍ଷକ ଓ ୬୩ ଜଣ ପିସିଏମ ଶିକ୍ଷକଙ୍କୁ ନିଯୁକ୍ତି ମିଳିସାରିଛି। ଆଗାମୀ ଦିନରେ ୩୦ଜଣ ଏଲଟିଆର ଶିକ୍ଷକ ଙ୍କୁ ନିଯୁକ୍ତି ଦେବାର ପ୍ରକ୍ରିୟା ସରିଥିବା ବେଳେ ଆଗାମୀ ୩ବର୍ଷ ଭିତରେ ରାଜ୍ୟରେ ୪୫ହଜାର ଶିକ୍ଷକ ପଦବୀ ସରକାର ପୁରଣ କରିବାକୁ ଯାଉଛନ୍ତି। ଛାତ୍ରଛାତ୍ରୀଙ୍କ ବୃତ୍ତିରାଶି ବୃଦ୍ଧି, ଆଦିବାସୀ ହଷ୍ଟେଲ ଗୁଡିକରେ ଅନ୍ତେବାସୀଙ୍କ ବୃତ୍ତିରାଶି ବୃଦ୍ଧି, ନବମ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ, ଡ୍ରପଆଉଟ କୁ ଚେକ ଦେବାପାଇଁ ଚାଇଲ୍ଡ ଟ୍ରାକିଂ ଯୋଜନା ମାଧ୍ୟମରେ ଆସ ସ୍କୁଲ ଯିବା ଅଭିଯାନ ଆଦି କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ଛାତ୍ରଛାତ୍ରୀ ମାଗଣାରେ ଯାତୟାତ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି ବୋଲି କହିଛନ୍ତି। ସରକାରଙ୍କ ଦ୍ୱାରା ମାଗଣାରେ ମିଳୁଥିବା ଲାପଟପ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବେଶ ସହଯୋଗୀ ହେଇ ପାରିବ ବୋଲି ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ କହିଛନ୍ତି।

## ନେତା ମାନେ ମେଳି ହେବାରେ ବାଧା ନାହିଁ: ଗଣେଶ୍ୱର ବେହେରା

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ସବୁ ଦଳରେ ଝଡ ଅଛି। କେଉଁଠି ଆଖିକୁ ଦିଶୁଛି କେଉଁଠି ଦିଶୁନି । କେଉଁଠି ପ୍ରକାଶ ପାଉଛି କେଉଁଠି ଅପ୍ରକାଶ୍ୟ ଭାବରେ ଅଛି। ନେତା ମାନେ ମେଳି ହେବାରେ ବାଧା ନାହିଁ । କାହାକୁ ମନା କରିହେବ ନାହିଁ । ତାଙ୍କ ଅଧିକାରକୁ କଣ ଦଳ ଛଡାଇ ନେବ । ଦରକାର ପଡ଼ିଲେ ମୁଁ ସେମାନଙ୍କ ସହ ଯୋଗଦେବି ବୋଲି ବରିଷ୍ଠ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ସେ ଆହୁରି କହିଛନ୍ତି ଦଳରେ କୌଣସି କମିଟି ଗଠନ ହେଲେ ପ୍ରତିକ୍ରିୟା ପ୍ରକାଶ ପାଏ। ଯେତେବେଳେ କିଛି ଆଶା ରଖନ୍ତି ସେହି ସମୟରେ ଦଳରେ ବହୁତ୍ ନେତା ଆସନ୍ତି । ଆମେ ଗତକାଲି ଯାହା ଥିଲୁ ଆଜି ଅଛୁ। ନିୟନ୍ତ୍ରଣ ବାହାରକୁ ନେତା ଯାଇ ନାହାନ୍ତି । ଶୃଙ୍ଖଳା କମିଟି ଅଛି ବିଶୃଙ୍ଖଳା ଆଚରଣ ଉପରେ ନଜର ରଖିଛୁ। ଦଳର ଆନୁଗତ୍ୟ ଉପରେ ଆମେ ସଂକଳ୍ପ ।

# ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ

ବେତନଟୀ, ୨୯/୧୨ (ନି.ପ୍ର): ବେତନଟୀ ଥାନା ମୁକ୍ତାପୁର ପଞ୍ଚାୟତ ଅଧୀନ ପାରୋଇ ଗାଁ ଦେଇ ଯାଇଥିବା ମୁକ୍ତାପୁର ନାଳ ପାର୍ଶ୍ୱରେ ଚାଲିଥିବା ଚୋରା ଦେଶମଦ କାରଖାନା ଉପରେ ଅବକାରୀ ବିଭାଗ ପକ୍ଷରୁ ସୋମବାର ଅପରାହ୍ଣରେ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶିମଦ, ମହୁଲପୋଚ ଏବଂ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରିଛି ବେତନଟୀ ଅବକାରୀ ଟିମ୍ । ସୂଚନା ମୁତାବକ ପରୋଇ ଗ୍ରାମର କିଛି ମଦମାଫିଆ ଏକଜୁଟ ହୋଇ ଗାଁ ପାଖଦେଇ ଯାଇଥିବା ମୁକ୍ତାପୁର ନାଳ ପାର୍ଶ୍ୱରେ ଚୋରାମଦ କାରଖାନା ଚଳାଇ ଆସୁଥିଲେ । ଏନେଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ବିଶ୍ୱସ୍ତସୂତ୍ରରୁ ଖବର ପାଇବାପରେ ସୋମବାର ଅପରାହ୍ଣରେ ଅତର୍କିତ ଚଢାଉ କରିଥିଲେ । ଚଢାଉ ସମୟରେ ମଦମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଅବକାରୀ ବିବାଗ ପକ୍ଷରୁ ସେଠାରେ ୪ହଜାର ୭ଶହ କେଜି ଓଜନର ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୪ଶହ ୩୦ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ଏଥିସହିତ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବିପୁଳ ସରଞ୍ଜାମ ଗୁଡିକୁ ବାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ କିଛି ପ୍ଲାଷ୍ଟିକ ଡ୍ରମ, ଜାର୍କିନ, ଆଲୁମିନିୟମ ଡେକଚି ପ୍ରଭୃତି ଜବତ କରି କାର୍ଯ୍ୟାଳୟକୁ ଅଣାଯାଇଛି । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

# ପୀତାମ୍ବର ଦାସଙ୍କ ଦୁଇଖଣ୍ଡି ପୁସ୍ତକ 'ବିଶ୍ୱାସ' ଓ 'ପହିଲି ପରଶ' ହେଲା ଶୁଭ ଉନ୍ମୋଚନ



ବାଲେଶ୍ୱର, ୨୯/୧୨ (ନି.ପ୍ର): କୋଶାମ୍ବର ଉଦ୍‌ଯାପନୀ ସନ୍ଧ୍ୟାରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଷ୍ଟଲ ପରିସରରେ ନାଟ୍ୟକାର ଓ ଶିଶୁ ସାହିତ୍ୟିକ ପୀତାମ୍ବର ଦାସଙ୍କ ସଦ୍ୟ ରଚିତ ଦୁଇଖଣ୍ଡି ପୁସ୍ତକର ଶୁଭ ଉନ୍ମୋଚନ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ନାଟକର ପୁସ୍ତକ 'ବିଶ୍ୱାସ' ଓ ପ୍ରେମ- ପ୍ରଣୟଧର୍ମୀ ଗୀତିକବିତା ସଂକଳନ ପହିଲିପରଶ' ନାମକୁ ଦୁଇଟି ପୁସ୍ତକର ଉନ୍ମୋଚନ ସମୟରେ ଉପସ୍ଥିତ ଥିଲେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଂଜୟ କୁମାର ରାଉତ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଜରୁରୀକାଳିନ ଅଧିକାରୀ ସାଇକୃଷ୍ଣ ଜେନା, ବାଲେଶ୍ୱର ବିଡିଓ ଉତ୍ତମ ଜେନା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଏବଂ ବରିଷ୍ଠ ସାହିତ୍ୟିକ ଡକ୍ଟର ରାଧାରଂଜନ ପଟ୍ଟନାୟକ, ଲେଖକ ପୀତାମ୍ବର ଦାସ ତଥା ପୁସ୍ତକଦ୍ୱୟର ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରତିଷ୍ଠାତା ଡକ୍ଟର କାଳିପଦ ପଣ୍ଡା ପ୍ରମୁଖ । ପୁସ୍ତକ ଦୁଇଟି ବହୁଳ ପାଠକୀୟ ଆଦୃତି ସଭିଏଁ କାମନା କରିଥିଲେ ।

# ବାଂଲାଦେଶୀ ଫେରିବାଲାଙ୍କ ପାଇଁ ନୀଳଗିରିରେ ସ୍ଥାନ ନାହିଁ: ଚେତାବନୀ ଦେଲା ହିନ୍ଦୁ ସଙ୍ଗଠନ

ନୀଳଗିରି, ୨୯/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଦିନକୁଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିବା ବେଳେ ହିନ୍ଦୁ ସମ୍ପ୍ରଦାୟର କିଛିଲୋକ ଏହାକୁ ରୋକ୍ ଦେବାପାଇଁ ଅଣ୍ଟା ଭିଡିଛନ୍ତି। ନୀଳଗିରି ସମେତ ଓଡିଶାରୁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କୁ ହଟାଇବା ଦାବିରେ ନୀଳଗିରି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ଆଜି ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବାସହ ସହର ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ନୀଳଗିରି ବସଷ୍ଟାଣ୍ଡ ନିକଟରେ ଏକ ବାଇକରେ ସିଂଲା ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର ଶେଖ୍ କରିମ୍ ଓ ଶେଖ୍ ବେଶାରୁଦ୍ଦିନ ଫେରିକାମ କରି ଉଦଳା ଯାଉଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଓଡିଶା ଛାଡି ପଳାଇଯିବାକୁ ଚେତାବନୀ ଦେବାସହ ଉଭୟଙ୍କୁ ନୀଳଗିରି ଥାନାରେ ହାଜର କରାଇଥିଲେ। ପରେ ପୋଲିସ ଦୁଇଜଣଙ୍କୁ ପଚରାଉଚୁରା କରିବାସହ ସେମାନଙ୍କର ସମସ୍ତ ତଥ୍ୟ ରଖି ଛାଡି ଦେଇଥିବାର ଜଣାପଡିଛି।

## ନିଷ୍ଠାପର ସେବା ପାଇଁ ସାତ ଜଣ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): କାର୍ଯ୍ୟ ସମୟରେ ନିରାପତା ପ୍ରତି ଅନୁକରଣୀୟ ସମର୍ପଣ, ସତର୍କତା ଏବଂ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ; କର୍ତବ୍ୟ ପାଳନ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ସାତ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ସମ୍ମାନିତ କର୍ମଚାରୀମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝରଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ନବୀନ କୁମାର ପଲାଇ; ଖୋର୍ଦ୍ଧା ରୋଡ୍ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଏ.କେ. ବଳିଆରସିଂ; ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହଂସଦା; ଅନୁଗୁଳ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟଣର-୨ ଶ୍ରୀ ଗୋରଖ ବେହେରା ଏବଂ ଟ୍ରାକ ମେଣ୍ଟେନର-୪ ପ୍ରକାଶ ଚନ୍ଦ୍ର ବିଶ୍ୱାଳ; ରାଜଆଠଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୪ ଶ୍ରୀ ପ୍ରଦୀପ କୁମାର ସାହୁ ଏବଂ ଶ୍ରୀ ନିରଞ୍ଜନ ରଣା ।

# ବାଲେଶ୍ୱର ଶାଖାର ଓଡ଼ିଆ ଦୁର୍ନୀତି ସଂଘର୍ଷ ମଞ୍ଚ ତ୍ରୟୋଦଶ ବାର୍ଷିକ ଉତ୍ସବ ୨୦୨୫




ବାଲେଶ୍ୱର, ୨୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ତ୍ରୟୋଦଶ ବାର୍ଷିକ ଉତ୍ସବ ୨୦୨୫ ବାଲେଶ୍ୱର ଷ୍ଟେସନ କ୍ଲବରେ ୨୮/୧୨/୨୦୨୫ ରବିବାର ରେ ମହେଶ୍ୱର ପ୍ରଧାନ ଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଦୁର୍ନୀତି ସଂଘର୍ଷ ମଞ୍ଚ ବାର୍ଷିକ ଉତ୍ସବ କୁ ମୁଖ୍ୟ ଅତିଥି ରାଜ୍ୟ ଦୁର୍ନୀତି ସଂଘର୍ଷ ମଞ୍ଚ ର ଜଗବନ୍ଧୁ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସଭାପତି ଜିତେନ୍ଦ୍ର ଘୋଷାଲ୍ ସଭାପତିତ୍ୱରେ କରିଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରେସ ଇକ୍ସପ୍ରେସ ମିଡ଼ିଆ କ୍ଲବ୍ ର ସଭାପତି ଉଜ୍ୱଳ ଚନ୍ଦ୍ର କର । ସମ୍ମାନୀତ ଅତିଥି ଅଜୟ କୁମାର ମିଶ୍ର , ଉପଦେଷ୍ଟା ଜ୍ଞାନେନ୍ଦ୍ର ମିଶ୍ର , ଅନ୍ୟତମ ସମ୍ମାନୀୟ ଅତିଥି ଅମିର୍ କୁମାର ସାହୁ , ରବି ନାରାୟଣ ବେହେରା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମିନତୀ ଦାସ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବେଚ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ଓ ଅତିଥି ପରିଚୟ ଦେଇଥିଲେ । ଏପରିକି ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ଦୁର୍ନୀତି ସଂଘର୍ଷ ମଞ୍ଚ ର ଏକ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଜଗବନ୍ଧୁ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମାଜରେ ଦୁର୍ନୀତି ଦିନକୁ ଦିନ ବ୍ୟାଧି ପରି ବଢ଼ି ବଢ଼ି ଚାଲିଛି । ତେଣୁ ଏହି ଦୁର୍ନୀତି କୁ ପତିହତ କରିବା ବା ନିରାକରଣ ପାଇଁ ଏହି ଦୁର୍ନୀତି ସଂଘର୍ଷ ମଞ୍ଚ ର କାମ । ତେଣୁ ଏହି ଦୁର୍ନୀତି ସଂଘର୍ଷ ମଞ୍ଚ ର ସମସ୍ତ ସଭ୍ୟ ସଭ୍ୟା ତାଙ୍କର କାର୍ଯ୍ୟକ୍ରମ ଜାରି ରଖିବା ଉଚିତ୍ । ବାଲେଶ୍ୱର ଶାଖାର ଦୁର୍ନୀତି ସଂଘର୍ଷ ମଞ୍ଚ ଏଭଳି କାର୍ଯ୍ୟ ପରିଚାଳନାରେ ଜାରି ରଖିଥିବାରୁ ଓ ୨୦୨୫ ବାର୍ଷିକ ଉତ୍ସବ ପାଳନ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ। ଅନ୍ୟ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଜନ ସାଧାରଣ ଉପକାର ପାଇଁ ଦୁର୍ନୀତି କିପରି ବାଲେଶ୍ୱର ଦୂର ହେବ ଚେଷ୍ଟା କରିବା ଦରକାର । ସାଧାରଣ ସଂପାଦକ ମହେଶ୍ୱର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଦୁର୍ନୀତି ସଂଘର୍ଷ ମଞ୍ଚ ତ୍ରୟୋଦଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି , ମଞ୍ଚ ବୁଦ୍ଧିଜୀବୀ ସାମ୍ବାଦିକ ମଞ୍ଚ ର ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇ ବାର୍ଷିକ ଉତ୍ସବ ସାଫଲ୍ୟ ମଣ୍ଡିତ କରିଥିବାରୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରିଥିଲେ । ଲକ୍ଷ୍ମଣ କୁମାର ପଣ୍ଡା , ସୁରେଶ ଚନ୍ଦ୍ର ରଣା , ପୂର୍ଣ୍ଣଚନ୍ଦ୍ର ବେହେରା, ଭଗବାନ ଚନ୍ଦ୍ର ଦାସ, ଗୟାଧର କର , ଶ୍ରୀମତୀ ମମତା ଦାସ , ପଦ୍ମ ଲୋଚନ ଦତ୍ତ , ପ୍ରଭାକର ସାହୁ, କାମ ଦେବ କମିଳା , ପ୍ରଭାତ କୁମାର ଆଚାର୍ଯ୍ୟ , ନିରଞ୍ଜନ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆମେ - ୭୩ ବନ୍ଧୁ ମିଳନ ଉତ୍ସବ ଓ କବିତା ସଂକଳନ ତେସ୍ତରି ଡାକେ ହାତ ଠାରି ଲୋକାର୍ପିତ



ବାରିପଦା , ୨୯/୧୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆମେ - ୭୩ ବ୍ୟାଚର ମ୍ୟାଟ୍ରିକ ତଥା ଏମପିସିଆନ ମାନଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ୧୨୦ ରୁ ଉର୍ଦ୍ଧ ବନ୍ଧୁ ଓ ବାନ୍ଧବୀ ମାନେ ଯୋଗ ଦେଇଥିଲେ ବୋଲି ସମ୍ପାଦକ କ୍ଷୀରୋଦ ବିହାରୀ ସିଟ ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଦେବବ୍ରତ ସ୍ୱାଇଁ, ଯଶୋବନ୍ତ ଷଡ଼ଙ୍ଗୀ, ଶୈଳେନ୍ଦ୍ର ନନ୍ଦ, ଅଶୋକ ବଶା, କିଶୋର ବଶା, ବିଜୟ ଷଡ଼ଙ୍ଗୀ, ଅସିତ ରଥ, ବିଜନ ଦାସ ମହାପାତ୍ର, ସୌମେନ୍ଦ୍ର ପଟ୍ଟନାୟକ, କାଶୀନାଥ ବେହେରା, ଜଗଦୀଶ ମହାନ୍ତି, ଅହିନ ପାତ୍ର, ସଂଯୁକ୍ତା ମିଶ୍ର, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ସାମିଲ ଥିଲେ। ସର୍ବପ୍ରଥମେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସର ରେ ବନ୍ଧୁ ଅନାଦି ସିଂହଙ୍କ ରଚିତ କବିତା ସଂକଳନ ତେସ୍ତରି ଡାକେ ହାତ ଠାରି ଲୋକାର୍ପିତ ହୋଇଥିଲା। ପରେ ପରେ ବନ୍ଧୁ ଶ୍ରୀକାନ୍ତ ମିଶ୍ରଙ୍କ ରଚିତ ପୁସ୍ତକ କିଚକେଶ୍ୱରୀ ର ଦ୍ୱିତୀୟ ସଂସ୍କରଣ ବନ୍ଧୁ ମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଚିନ୍ମୟ ପଟ୍ଟନାୟକ, ରଜତ ମହାନ୍ତି, ରବି ଚ୍ୟାଉ ପଟ୍ଟନାୟକ, କୃଷ୍ଣ ଦାସ, ଅଶୋକ ମହାନ୍ତି, କମଳଲୋଚନ ଗିରି, ଅରୁଣାଂଶୁ ଦାଶ, ବିଜୟ ସିଂହ, ଶୁଭେନ୍ଦୁ ପାଲ, ସତ୍ୟବାନ ସେଠୀ ଓ ବୈଦ୍ୟନାଥ ରଥ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରତାଇ ସେବା ସମବାୟ ସମିତିର ୫୬ ତମ ସାଧାରଣ ସଭା ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୨୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ସେବା ସମବାୟ ସମିତିର ୫୬ ତମ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତି ଧର୍ମପଦ ଗିରି ସଭା କାର୍ଯ୍ୟକୁ ପରିଚାଳନା କରିବା ସହିତ ନିଜର ଅଭିଭାଷଣରେ ସେବା ସମବାୟ ସମିତିର ଶୃଙ୍ଖଳିତ ବିଭିନ୍ନ କାର୍ଯ୍ୟକୁ ଆଲୋଚନା କରିଥିଲେ। ଉପ ସଭାପତି ସାରଦା ଗିରି , ସମ୍ପାଦକ ନଳିନୀ କାନ୍ତ ଜେନା ପ୍ରମୁଖ ସମବାୟ ସମିତିର ସମସ୍ତ ହିସାବକୁ ଆଲୋଚନା କରିଥିଲେ। ପରେ ଆମନ୍ତ୍ରିତ ଅତିଥି ବାଲିଆପାଳ ସମବାୟ ଶାଖା ପରିଚାଳକ ଅରୁଣ କୁମାର ମାଇତି ପ୍ରମୁଖ ସମିତିର ଆଦାନ ପ୍ରଦାନ, ଜମାରାଶି, ନୂତନ ହିତାଧିକାରୀ ମାନଙ୍କ ଖାତା ଖୋଲିବା,ଋଣ ପ୍ରଦାନ କ୍ଷେତ୍ରରେ ରତାଇ ଶାଖା ଏକ ନମ୍ବର ମାନ୍ୟତା ହାସଲ କରିବା ସମ୍ବନ୍ଧରେ ନିଜର ମତ ବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ମନ୍ମଥ ଚକ୍ରବର୍ତ୍ତୀ, କାର୍ତ୍ତିକ ପାତ୍ର , ହୃଦାନନ୍ଦ ରାଉତ , ବିଜୟ କୁମାର ବେହେରା , ପଞ୍ଚାନନ କୁହ୍ଲାରୀ ,ବେଣୁଧର ସାହୁ, ଦେବିଲତା ସାହୁ ,ସଞ୍ଜୟ ବାରିକ, ସତ୍ୟଜିତ ଗିରି, ସାର୍ଥକ ରାଉତ, ଚକ୍ରଧର କୁଅଁର, ଭୁବନ ଗଙ୍ଗାଇ, ନରେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ସମ୍ପାଦକ ନଳିନୀ କାନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




# ପାରାଦ୍ୱୀପରେ ଏଏମ୍/ଏନ୍ ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ କୃଷକ ଦିବସ ପାଳନ ଏବଂ 'ସୁସ୍ଥ ବାଛୁରୀ ର୍ୟାଲି' ଆୟୋଜିତ

ପାରାଦ୍ୱୀପ, ୨୯/୧୨ (ନି.ପ୍ର): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ଉପକଣ୍ଠ ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ 'ଜାତୀୟ କୃଷକ ଦିବସ' ପାଳନ କରାଯିବା ସହ ବାଲିଡିଆ ଗ୍ରାମରେ ଏକ ସୁସ୍ଥ ବାଛୁରୀ ରାଲିର ଆୟୋଜନ କରାଯାଇଥିଲା ।ଏହି ଜାତୀୟ କୃଷକ ଦିବସ ପାଳନ ଅବସରରେ ୨୦୦ରୁ ଅଧିକ କୃଷକ ହିତାଧିକାରୀ ଏକତ୍ରିତ ହୋଇଥିଲେ ।ଅତିଥି ଭାବେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅର୍ପିତା ମିଶ୍ର, କୃଷି ବୈଷୟିକ ପରିଚାଳନା ସଂସ୍ଥାର ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ଶ୍ରୀମତୀ ତୁଳସୀ ମହାନ୍ତି, ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ ଏବଂ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସମେତ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଓ ଭାରତୀୟ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍




ଫାଉଣ୍ଡେସନ ର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଶେଷଜ୍ଞମାନେ ଅଂଶଗ୍ରହଣକାରୀ ମାନଙ୍କୁ କୃଷି ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇବା ସହ ଆଧୁନିକ ଚାଷ ପ୍ରଣାଳୀ ଏବଂ ବିକଳ୍ପ ଜୀବିକା ପାଇଁ ସ୍ଥାୟୀ କୃଷି ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅଭିନବ ଚାଷ ପ୍ରଣାଳୀ ଆପଣାଇଥିବା ପ୍ରଗତିଶୀଳ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ବର୍ଗରେ ଶ୍ରେଷ୍ଠ କୃଷକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମୟରେ, 'ସଫଳ' ଅଭିଯାନର ଏକ ଅଂଶ ଭାବରେ ଉତ୍ତମ ପଶୁ ସମ୍ପଦ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ 'ସୁସ୍ଥ ବାଛୁରୀ ର୍ୟାଲି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଜୟପ୍ରକାଶ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ସମେତ ଏଏମ୍/ଏନଏସ୍ ଇଣ୍ଡିଆ ଏବଂ ବିଏଆଇଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ର୍ୟାଲିରେ ୫୦ଟି ସୁସ୍ଥ ବାଛୁରୀ ପ୍ରଦର୍ଶିତ ହେବା ସହ ୪୦ରୁ ଅଧିକ ପ୍ରକଳ୍ପ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ବାଛୁରୀ ମାଲିକମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ବାଛୁରୀମାନଙ୍କ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ କୃଷକ ଯେଉଁମାନଙ୍କର ବାଛୁରୀମାନେ ଉନ୍ନତ ସ୍ୱାସ୍ଥ୍ୟ ଏବଂ ପରିଚାଳନା ଅଭ୍ୟାସ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ବିଶେଷ ପୁରସ୍କୃତ କରାଯାଇଥିଲା।

# ଅରୁଣ କୁମାର ପାତ୍ର ପାଇଲେ କୃଷି ସାହିତ୍ୟ ରତ୍ନ ସମ୍ମାନ

ଭଦ୍ରକ , ୨୯/୧୨ (ନି.ପ୍ର): ଭଦ୍ରକ ଯାଜପୁର ଜିଲ୍ଲା ମଙ୍ଗଳପୁର ଠାରେ ପ୍ରତିଷ୍ଠିତ ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଭଦ୍ରକ ନିବାସୀ କୃଷିବିତ୍ ତଥା ଅବସରପ୍ରାପ୍ତ ଉପକୃଷି ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ପାତ୍ରଙ୍କୁ "କୃଷି ସାହିତ୍ୟ ରତ୍ନ ସମ୍ମାନ" ପ୍ରଦାନ କରାଯାଇଛି। ଶ୍ରୀ ପାତ୍ର ଦୀର୍ଘ ୪ ଦଶନ୍ଧି ଧରି କୃଷି ପ୍ରଯୁକ୍ତିକୁ ପଦ୍ୟଧର୍ମୀ କରି କୃଷି ଭାଗବତ, କୃଷି ବଚନ, କୃଷି ବୋଲି ଓ କୃଷି



ଗୀତିନାଟ୍ୟ ଆଦି ରଚନା କରି ଓଡ଼ିଆ କୃଷି ସାହିତ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପାତ୍ର ତାଙ୍କର କୃଷି ବିଜ୍ଞାନ ଭିତ୍ତିକ ସାହିତ୍ୟ ସୃଷ୍ଟି ପାଇଁ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପୁରସ୍କାର ଓ ଚଳିତ ବର୍ଷର ଫକିରମୋହନ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ବ୍ୟାସ ଗୌରବ ସମ୍ମାନ -୨୦୨୫ ପ୍ରାପ୍ତ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡଃ ହୃଷିକେଶ ମଲ୍ଲିକ ଶ୍ରୀ ପାତ୍ରଙ୍କୁ ମାନପତ୍ର, ବୃକ୍ଷଚାରା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସେ ଏହି ସମ୍ମାନକୁ ଓଡ଼ିଶାର କୃଷକ ସମାଜ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

# କପ୍ତିପଦା ଉପଖଣ୍ଡର ଦାବି ଉଦଳାକୁ ମ୍ୟୁନସିପାଲଟି, ଖୁଂଟାକୁ ଏନ୍ଏସି, ଶରତ ଓ ନୁଦଡ଼ିହାକୁ ସ୍ୱତନ୍ତ୍ର ବ୍ଲକ

ଉଦଳା, ୨୯/୧୨ (ନି.ପ୍ର): କପ୍ତିପଦା ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ ଉଦଳାକୁ ମ୍ୟୁନସିପାଲଟି, ଖୁଂଟାକୁ ଏନ୍ଏସି ଏବଂ ଶରତ ଓ ନୁଦଡ଼ିହାକୁ ସ୍ୱତନ୍ତ୍ର ବ୍ଲକ ଘୋଷଣା କରାଯାଉ ବୋଲି ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି କରୁଥିବାର କଥା ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ସେହିପରି ଏହି ଉପଖଣ୍ଡକୁ ରେଳପଥ ଓ ଜାତୀୟ ରାଜପଥ ସହ ସଂଯୋଗିକରଣ, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ସହ ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଘୋଷଣା ବର୍ତମାନ ଜରୁରି ହୋଇ ପଡ଼ିଛି ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଉଥିବାର ଶୁଣିବାକୁ ମିଳୁଛି । ରାଜ୍ୟରେ ଡ୍ବଲ ଇଂଜିନ ସରକାର କ୍ଷମତାରେ ଥିବାରୁ କପ୍ତିପଦା ଉପଖଣ୍ଡର ଏହିସବୁ ଦାବି ଗୁଡ଼ିକ ନିଶ୍ଚିତ ରୂପେ ପୁରଣ ହେବ ବୋଲି ଲୋକେ ଆଶା ବାନ୍ଧିଛନ୍ତି ।

# ନିତ୍ୟାନନ୍ଦ ସାହୁଙ୍କ ଲିଖିତ ଦୁଇଗୋଟି ଆଧାତ୍ମିକ ପୁସ୍ତକ 'କୃଷ୍ଣ କଥାମୃତ' ଏବଂ 'ଜଗନ୍ନାଥ କଥାମୃତ' ହେଲା ଉନ୍ମୋଚିତ



ବାଲେଶ୍ୱର, ୨୯/୧୨ (ନି.ପ୍ର): ପରଲୋକଗତ ଆଦର୍ଶ ଛାତ୍ରବତ୍ସଳ କୃତୀଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କ ରଚିତ ଦୁଇ ଗୋଟିଏ ଆଧାତ୍ମିକ ପୁସ୍ତକ 'କୃଷ୍ଣକଥାମୃତ' ଓ 'ଜଗନ୍ନାଥ କଥାମୃତ'ର ଶୁଭ ଉନ୍ମୋଚନ ଉତ୍ସବ ୨୮ତାରିଖ ପୂର୍ବାହ୍ନରେ କ୍ଷୀରୋଚୋରା ମନ୍ଦିର ସନ୍ନିକଟ ଶ୍ରୀ ମାଧବେନ୍ଦ୍ର ଗୌଡ଼ୀୟ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପ୍ରଭୁଙ୍କ ନିକଟରେ ଦୁଇଟି ପୁସ୍ତକ ସମର୍ପଣ କରାଯିବା ପରେ ଅତିଥି ମାନଙ୍କ ହସ୍ତରେ ଏହାର ପଠକାର୍ପଣ ସହ ଆଲୋଚନା ଅନୁଷ୍ଠିତ ହୋଇଥାଏ । ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରା, ଡ. ଶ୍ରୀକାନ୍ତ ଚରଣ ପାତ୍ର, ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଏବଂ ପୁସ୍ତକ ଦ୍ୱୟର ପ୍ରକାଶକ ଡ. କାଳୀପଦ ପଣ୍ଡା, ଇଂ ଡ. ହୃଷୀକେଶ ସାହୁ ପ୍ରମୁଖ ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରି ଦୁଇଗୋଟି ପୁସ୍ତକରେ ରଚିତ କବିତାବଳୀ ଖୁବ୍ ମନଛୁଆଁ ଓ ସୁଖପାଠ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଦ୍ୱୟର ଲେଖକଙ୍କ ଅନୁପସ୍ଥିତିରେ ତାଙ୍କର ଅନୁଜ ଭ୍ରାତା ଇଂ ଗୌରାଙ୍ଗ ସାହୁ ପ୍ରାକ୍ କଥନ ରଖି ନିତ୍ୟାନନ୍ଦଙ୍କ ଶିକ୍ଷକ, ସାହିତ୍ୟ ଓ ଆଧାତ୍ମିକ ଜୀବନର ସ୍ମୃତିଚାରଣ କରିଥିଲେ । ଗୌଡ଼ୀୟ ମଠର ଉପାଧକ୍ଷ କୁଞ୍ଜପ୍ରଭୁ ଆଶୀର୍ବଚନ ପ୍ରଦାନ କରି ଗ୍ରନ୍ଥ ଦୁଇଟିର ବିପୁଳ ପାଠକୀୟ ଆଦୃତି କାମନା କରିଥିଲେ । ଲେକକଙ୍କର କନିଷ୍ଠ ପୁତ୍ର ଜଗନ୍ନାଥ ସାହୁ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିବା ବେଳେ ଲେଖକଙ୍କ ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ସାନଭାଇ, ଭାଉଜ, ଭଣଜା, ଭାଣିଜୀ, ଆତ୍ମୀୟ ସ୍ୱଜନ ସହ ବହୁ ବିଶିଷ୍ଟ ବ୍ୟକ୍ତି ବାଲେଶ୍ୱର ସହର ଓ ରେମୁଣା ଅଞ୍ଚଳର ଏହି ଉତ୍ସବରେ ଯୋଗଦେଇଥିଲେ । ପରିଶେଷରେ ସମବେତ ପ୍ରସାଦ ସେବନରେ ଏକତ୍ର ହୋଇଥିଲେ ।

# ଅନ୍ତରା ସମବାୟ ସମିତିରେ ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

## ଚାଷୀଙ୍କ ସମସ୍ତ ଟୋକନ ଧାନ ସରକାର କିଣିବେ: ଯୋଗାଣ ମନ୍ତ୍ରୀ

ଖଇରା, ୨୯/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ସେବା ସମବାୟ ସମିତିରେ ସୋମବାର ଜିଲା ସ୍ତରୀୟ ଧାନମଣ୍ଡୀର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉଦ୍‌ଘାଟନୀ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସରକାର ଟୋକନ ପାଇଥିବା ସବୁଚାଷୀଙ୍କ ନିକଟରୁ ଧାନ କିଣିବେ । ଧାନକିଣାରେ କଟନ ଛଟନିକୁ ବରଦାସ୍ତ କରାଯିବନି । ମଣ୍ଡିକୁ ଆସୁଥିବା ଚାଷୀଙ୍କ ଲାଗି ଚାପାଣିର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପଦ୍ମଲୋଚନ




ପଣ୍ଡା,ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ,ଏସପି ପ୍ରତ୍ୟୁଷ ଦିବାକର,ତହସିଲଦାର ଅମିତ ରଞ୍ଜନ ହୋତା,ବିଡିଓ ନାରାୟଣ ସାହୁ,ବାଲେଶ୍ୱର -ଭଦ୍ରକ ସମବାୟ ବ୍ୟାଙ୍କ ସଭାପତି ଗଣେଷ ଚନ୍ଦ୍ର ମହାପାତ୍ର,ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ,ଉପନିବନ୍ଧକ ସରୋଜିନୀ ନାୟକ,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ଅନ୍ତରା ସରପଞ୍ଚ ରଶ୍ମିତା ଜେନା ଓ ସମିତି ସଭ୍ୟା ସବିତାରାଣି ପଣ୍ଡା,ରପେୟା ସରପଞ୍ଚ ମଞ୍ଜୁଲତା ସାମଲ ଓ ସମିତି ସଭ୍ୟ ସୂର୍ଯ୍ୟକାନ୍ତ ସ୍ୱାଇଁ,ସହକାରୀ ନିବନ୍ଧକ ଏକାଦଶୀ ଦାସ,ଅନ୍ତରା ସମିତି ସଭାପତି ଅଜୟ କୁମାର ସାମଲ,ଉପସଭାପତି ତୁଳସୀ ବିଶ୍ୱାଳ,ବ୍ଲକ ଅଧିକାରୀ ସୁବାସିନୀ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ । ଅନ୍ତରା ସମିତି ସମ୍ପାଦକ ବିକାଶ ନାୟକ ସଭାପତିତ୍ୱ ଓ ବସନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

# ମଦ ପିଇ ଡ୍ରାଇଭ କଲେ ସିଜ ହେବ ଗାଡି

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ନିୟନ୍ତ୍ରଣ ଭିତରେ ମଦ ପିଅନ୍ତୁ, କିନ୍ତୁ ଗାଡି ଚଳାନ୍ତୁ ନାହିଁ। ମଦ ପିଇ ଡ୍ରାଇଭ୍ କରିବା ବେଳେ ଧରା ପଡିଲେ ଗାଡି ସିଜ୍ କରାଯିବ ବୋଲି ପୋଲିସ କମିଶନର ଏସ୍.ଦେବଦତ. ସିଂ, କହିଛନ୍ତି। ରାଜଧାନୀରେ ୧୮ ଟି ସ୍ଥାନରେ ନାକାବନ୍ଦୀ ରହିବ । ୧୮ ପ୍ଲାଟୁନ ଫୋର୍ସ ସାରା ଭୁବନେଶ୍ୱର ଦାୟିତ୍ୱରେ ରହିବେ। ୨୯ ଟି ଛକରେ ୱାଚ୍ ଟିମ୍ ପକ୍ଷରୁ ଚେକିଂ କରାଯିବ। ଜିରୋ ନାଇଟରେ ୧୨ ଟା ରେ ବୁଲିବ କ୍ୱିକ୍ ରିଆକସନ୍ ଟିମ୍। ହୋଟେଲ , ବାର ପବ୍ କୁ ୧୨ ଯାଏଁ ପ୍ରୋଗ୍ରାମ ନିମନ୍ତେ ଅନୁମତି ମିଳିଛି ।

# ନୀଳଗିରି ପ୍ରଶାସନ ଦ୍ୱାରା ରାଡାର ରାସ୍ତାପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ

ନୀଳଗିରି, ୨୯/୧୨ (ନି.ପ୍ର): ନୀଳଗିରି ସ୍ୱର୍ଣଚୁଡ ପାହାଡ ଅଗ୍ରଭାଗରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନର ଏକ ରାଡାର ନିର୍ମାଣ ହୋଇଥିବା ବେଳେ ଏହାକୁ ସଂଯୋଗ କରୁଥିବା ରାସ୍ତାର ପାହାଡ ପାଦଦେଶରେ କିଛି ଜବରଦଖଲକାରୀ ଦୀର୍ଘଦିନ ଧରି ଅବୈଧ ଭାବେ ଗୃହନିର୍ମାଣ କରି ବସବାସ କରିଆସୁଥିଲେ। ଏନେଇ ପ୍ରଶାସନପକ୍ଷରୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସେମାନେ ଗୁରୁତ୍ୱ ଦେଇନଥିଲେ। ଶେଷରେ ଆଜି ନୀଳଗିରି ପ୍ରଶାସନ ପକ୍ଷରୁ ତହସିଲଦାର ଓ ପୋଲିସଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସୂଚନା ଅନୁଯାୟୀ ଉକ୍ତ ସ୍ଥାନରେ ଏବେ ସରକାରି ଆଇ.ଟି.ଆଇ. ହେବାକୁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେଣୁ ସେଠାରେ ମାଡ଼ି ବସିଥିବା ବିରାଜ ଦାସ, ରଖୱାଲ ଦାସ, ବଜରଙ୍ଗୀ ଦାସ, ଅଜୁ ଦାସ, ପ୍ରଶାନ୍ତ ଦାସ, ବାସିନ ଦାସ ପ୍ରମୁଖ ଅଣଓଡିଆ ପରିବାରବର୍ଗଙ୍କ ଦ୍ୱାରା ଜବରଦଖଲ କରିଥିବା ବାସସ୍ଥାନକୁ ସୋମବାର ନୀଳଗିରି ପ୍ରଶାସନ ଉଚ୍ଛେଦ କରିଛି। ଏହି ଜବରଦଖଲ ଉଚ୍ଛେଦରେ ନୀଳଗିରି ତହସିଲଦାର ସୋନମ୍ ଦାସ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି।

# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ପଂଚମ ସନ୍ଧ୍ୟା

ଭଦ୍ରକ , ୨୯/୧୨ (ନି.ପ୍ର): ଓଡ଼ିଶାର ଐତିହ୍ୟ ଥିଲା ଅତୀତରେ ଓଡ଼ିଆ ପୁଅ ଜାଭା, ସୁମାତ୍ରାକୁ ବାଣିଜ୍ୟ ଯାଇ ଡେର ନଈ ସାତ ସମୁଦ୍ର ପାର ହୋଇ କାର୍ତ୍ତିକ ମାସରେ ଦେଶକୁ ଫେରୁଥିଲେ। ସ୍ୱାଧୀନତାର ୭୮ବର୍ଷ ପରେ ବିଶ୍ୱ ଦରବାରରେ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ କର୍ପୋରେଟ କମ୍ପାନୀ ଅକ୍ତିଆର କରିବାରୁ ସାଧାରଣ ଜନତା, ମଧ୍ୟମ, କ୍ଷୁଦ୍ର ବ୍ୟବସାୟୀ ମାନେ ପ୍ରତିଯୋଗିତା କରି ବାଣିଜ୍ୟ କ୍ଷେତ୍ର ରେ ଅଗ୍ରଗତି କରିବାପାଇଁ ଆସୁ ପଦକ୍ଷେପ ଗ୍ରହଣ କରିଛନ୍ତି।ବାସ୍ତବ ଅବସ୍ଥା କୁ ବିଚାରକୁ ନେବା ବେଳକୁ ବର୍ତ୍ତମାନ ପରିସ୍ଥିତି ରେ ଗରାଖ ମାନେ ମୋବାଇଲ ରେ ସାମଗ୍ରୀ ବୁକ୍ କରୁଛନ୍ତି ଓ ସାମଗ୍ରୀ ତାଙ୍କ ଦୁଆରେ ପହଂଚି ଯାଉଛି। ବ୍ୟବସାୟ ବର୍ତ୍ତମାନ ଏକଚାଟିଆ ପୁଞ୍ଜିପତି ମାନଙ୍କର ବଳୟ ମଧ୍ୟରେ ରହୁଛି।କ୍ଷୁଦ୍ର ବ୍ୟବସାୟ ଆଜି କ୍ଷତିର ସମ୍ମୁଖୀନ



ହେଉଛି।ଜଗତିକରଣର ପ୍ରଭାବ ଯୋଗୁ ବ୍ୟବସାୟୀକରଣ ଫଳରେ ସମଗ୍ର ବିଶ୍ୱ ଏକ ଗ୍ରାମରେ ପରିଣତ ହୋଇପାରିଛି। ଏବେ କ୍ରେତାମାନେ ବିକ୍ରେତାଙ୍କ ପାଖକୁ ଯିବାର ଆବଶ୍ୟକତା ନାହିଁ। ଏବେ ଦ୍ରବ୍ୟ ବିକୁଥିବା ବିକ୍ରେତାମାନେ ଖାଉଟିଙ୍କ ପାଖକୁ ଆସିବା ପ୍ରକ୍ରିୟା ଆରମ୍ଭ ହୋଇଛି।ଏଣୁ ଭଦ୍ରକ ବାଣିଜ୍ୟ ମେଳା ଭଦ୍ରକର ଅର୍ଥନୈତିକ ବିକାଶ ଆଣିବା ସଂଗେ ସଂଗେ ସାମଗ୍ରିକ ସମୃଦ୍ଧିରେ ସହାୟକ ହେବ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ପଞ୍ଚମ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫ୍ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓସମେର ଉପ ସଭାପତି ରାଜେଶ ମିଶ୍ର ଅଧକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଏହାପରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଉତ୍କଳମଣି ଫାଉଣ୍ଡେସନର ଅଧକ୍ଷ ତଥା ନିୟୁଜ ଓଡ଼ିଶାର ନିର୍ଦ୍ଦେଶକ ପ୍ରମୋଦ ରାୟ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଅଧିବକ୍ତା ଦିବ୍ୟସିଂ ନାୟକ,ଭଦ୍ରକ - ବାଲେଶ୍ୱର ସେଂଟ୍ରାଲ କୋପରେଟିଭ ବ୍ୟାଙ୍କ ଲିମିଟେଡ଼ର ସଭାପତି ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳା କଟକ ବାଲିଯାତ୍ରା ଠାରୁ କୌଣସି ଗୁଣରେ କାମ ନୁହେଁ ବୋଲି କହିଥିଲେ। ଏବଂ ଆୟୋଜକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।ଏହାପରେ ବିବିଏମର ପୃଷ୍ଠପୋଷକ ଶଶି ଶେଖର ବେହେରାଙ୍କ ତତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଶେଷରେ ବିବିଏମର ପୃଷ୍ଟପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ତେବେ ଏହି ଜାତୀୟ ସ୍ତରୀୟ ବାଣିଜ୍ୟ ମେଳା ଆସନ୍ତାକାଲି ୩୦ ତାରିଖରେ ବେଶ ଯାକଜମକରେ ଉଦଯାପିତ ହେବ।

# ଉଦଳା ମହୋତ୍ସବ 'ଧୁମୁସା'-୨୦୨୫

## କେବଳ ହସଖୁସିର ମାହୋଲ ନୁହେଁ, ସୃଷ୍ଟି କରିଛି ବହୁ ସମ୍ଭାବନାର ଭିତ୍ତିଭୂମି

ଉଦଳା, ୨୯/୧୨ (ନି.ପ୍ର): କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ 'ଧୁମୁସା'-୨୦୨୫ ଚଳିତ ଡ଼ିସେମ୍ବର ୧୪ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ବେଶ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ତେବେ ଏହି ମହୋତ୍ସବକୁ ଜନ୍ମ ଦେଇଥିବା 'ଆମେ ଭଂଜ କଳାକାର'ର ସେ ସମୟର ସଭାପତି କ୍ଷୀରୋଦ ରଂଜନ ମହାନ୍ତି ତାଙ୍କର ପ୍ରତିକ୍ରିୟାରେ କୁହନ୍ତି 'ଧୁମୁସା' କେବଳ ହସ ଖୁସିର ମାହୋଲ ନୁହେଁ ସମଗ୍ର କପ୍ତିପଦା ଉପଖଣ୍ଡକୁ ଗୋଟିଏ ପରିବାର କରି ଗଢ଼ିତୋଳିବା ସହ ଏହାର ସାମଗ୍ରିକ ବିକାଶ ପାଇଁ ବହୁକିଛି ସମ୍ଭାବନାର ଭିତିଭୂମି ପ୍ରସ୍ତୁତ କରୁଛି । ଯାହାର ବାସ୍ତବ ଚିତ୍ର ପରେ ଦେଖିବାକୁ ମିଳିବ ଏଥିରେ ସନ୍ଦେହ ନାହିଁ ବୋଲି ସେ ଜଣାଇଛନ୍ତି । ଆଜି 'ଧୁମୁସା' ପାଇଁ ଉଦଳା ସହର ସମଗ୍ର ଓଡ଼ିଶାରେ ପରିଚିତ । ଉପଖଣ୍ଡରେ କାର୍ଯ୍ୟରତ ପ୍ରଶାସକ, ସାମ୍ବାଦିକ, ରାଜନେତା, ପୋଲିସ କର୍ମଚାରିଙ୍କ ଠାରୁ ଆରମ୍ଭ କରି ସ୍ୱେଚ୍ଛାସେବି ସଂଗଠନ ମାନେ ମିଳିମିଶି ଏହି ମଂଚ ପ୍ରସ୍ତୁତିରେ ପ୍ରତିବର୍ଷ ଲାଗିଥାନ୍ତି । ଯାହାକି ଅପୂର୍ବ ସମନ୍ୱୟର ବାର୍ତା ଦେବା ସହିତ ନୂଆ ପ୍ରକାର ଉତ୍ସାହ ଖେଳାଇ ଦେଇଥାଏ । ସ୍ଥାନିୟ କଳାକାର ମାନେ ତାଙ୍କର କଳା ପ୍ରଦର୍ଶନ ପାଇଁ ସୁନ୍ଦର ପରିବେଶ ପାଉଥିବା ବେଳେ ରାଜନେତା ମାନେ ଜନସମ୍ପର୍କକୁ ଅଧିକ ଶାଣିତ କରିବା ପାଇଁ ସୁଯୋଗ ପାଇଥାନ୍ତି । ଯାହାକି ନିର୍ବାଚନରେ ଜିତିବା ପାଇଁ ତାଙ୍କୁ ସହଜ ହୋଇଥାଏ । ଏହାକୁ ଏବେ କିଛି ଲୋକ ଦ୍ୱିତୀୟ ସରସ୍ୱତୀ ମେଳା କହିବା ଆରମ୍ଭ କଲେଣି । ବାସ୍ତବରେ କେବଳ ସରସ୍ୱତୀ ମେଳାକୁ ଛାଡ଼ିଦେଲେ ସମଗ୍ର ଉପଖଣ୍ଡର ଜନଜୀବନକୁ ଉଦଳା ମହୋତ୍ସବ ହିଁ ପ୍ରଭାବିତ କରିଛି ବୋଲି ପୂର୍ବତନ ସଭାପତି ଶ୍ରୀଯୁକ୍ତ ମହାନ୍ତି ବ୍ୟକ୍ତ କରିଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida